# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ










ଅନୁଗୋଳ,୮ ।୩(ସମିସ):

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ତିନିଦିନିଆ ଜିଲ୍ଲାସ୍ତରୀୟ ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ରବିବାର ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପୁଲିସ, ବନ ବିଭାଗ, ପରିବହନ ବିଭାଗ କର୍ମଚାରୀଙ୍କ ସମେତ ଜିଲ୍ଲାର କ୍ରୀଡ଼ାବିତ୍, ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅନ୍ତର୍ଭୁକ୍ତ କ୍ୟାଡେଟ, ଅନୁଗୋଳ ଲାଇଟ୍ ହାଉସ କମ୍ୟୁନିଟିଜ୍ ଓ ଲଗିଷ୍ଟିକ ସ୍କିଲ୍ ସେଣ୍ଟରର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ସିଡିପିଓ ରୀତାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଧନ୍ୟବାଦ ଅର୍ପଣ କରିଥିଲେ।

**ତାଳଚେର:** ଦୈନିକ ଖବରକାଗଜ 'ଆଗେଇବା' ପକ୍ଷରୁ ରବିବାର ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥା ଆଗେଇବାର ସମ୍ପାଦକ ମହେଶ ସାହୁ ଯୋଗଦେଇ ପ୍ରଗତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ତେବେ ଆମ ରାଜ୍ୟରେ ମହିଳାମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ତୁରନ୍ତ ନାରୀ ସୁରକ୍ଷା ଦିଗରେ ସରକାର ତତ୍ପରତା ପ୍ରକାଶ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ଅଧ୍ୟକ୍ଷା ଶୋଭାଗିନୀ ଦେବୀ ଯୋଗଦେଇ ନାରୀ କିପରି ପୁରୁଷଙ୍କଠାରୁ କମ୍ ନୁହନ୍ତି ଏବଂ ଆଜି ଓଡ଼ିଆ ଆଦିବାସୀ ଝିଅ ରାଷ୍ଟ୍ରପତି ହୋଇପାରିଛନ୍ତି ବୋଲି କହିଥିଲେ। ବିଶେଷ ଅତିଥି ଭାବେ ପୁଲିସ ଅଧିକାରୀ ସରୋଜିନୀ ବେହେରା ଯୋଗଦେଇ ନାରୀଙ୍କ ପାଇଁ ଆଇନ କେତେ ସାଦୃଢ଼ ଏବଂ କୌଣସି ଅସୁବିଧା ହେଲେ ପୁଲିସ ସେମାନଙ୍କୁ କିପରି ପ୍ରାଥମିକତା ଦେଉଛି ସେ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରୀତିଛି ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ କେବଳ କନ୍ୟାଙ୍କୁ ଜନ୍ମ ଦେଇଥିବା ମହିଳାଙ୍କୁ ବିଜୁ କନ୍ୟାରତ୍ନ ସମ୍ମାନ ଓ ବିଭିନ୍ନ କ୍ଷେତ୍ରରେ ନିଜ ପାରଦର୍ଶିତା ପ୍ରଦର୍ଶନ କରିଥିବା ଝିଅ ଓ ମହିଳାଙ୍କୁ ନନ୍ଦିନୀ ଦେବୀ ସମ୍ମାନରେ ସମ୍ମାନିତ କରି ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସମାଜସେବୀ ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଆଗେଇବାର ପ୍ରତିନିଧି ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଅନୁଗୋଳ:** ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ବନ୍ତଲା ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର, ଉପବିଭାଗୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବନିଲ କୁମାର ଖଟାଇ, ପରମାନନ୍ଦ ମିଶ୍ର, ଜିଲ୍ଲା ଆଇନସେବା ପ୍ରାଧିକରଣର ପୂର୍ବତନ ସଦସ୍ୟ ଜୋସ୍ନାରାଣୀ ବେହେରା, ଲୋପାମୁଦ୍ରା ପ୍ରଧାନ, ଡିଏଚ୍‌ଏଚ୍‌ର ଆସିସଷ୍ଟାଣ୍ଡ ମ୍ୟାନେଜର ନଟବର ନନ୍ଦ, ବନ୍ତଲା ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ନାରୀଙ୍କ ଅବଦାନ ପୁରୁଷଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ। ପ୍ରଯୁକ୍ତି ଓ ଉଦ୍ଭାବନ କ୍ଷେତ୍ରରେ ନାରୀ ଆଜି ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି। ଖେଳପଡ଼ିଆଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟନ୍ତ ମହିଳା ସବୁକ୍ଷେତ୍ରରେ ସଫଳ ହୋଇପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ବନ୍ତଲା ଅଞ୍ଚଳର ଜନସାଧାରଣ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




**ନାଲକୋନଗର:** ନାଲକୋନଗର ଟ୍ରେନିଂ ସେଣ୍ଟର ଅଡିଟରିଅମରେ ନାଲକୋ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ନାଲକୋ ମହିଳା ସମିତି ସଭାପତି ବିନୋଦିନୀ ବେହେରା ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା ଗୋଲାପ ନନ୍ଦ, ସମ୍ମାନିତ ଅତିଥି ଭାବେ ନାଲକୋ ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା, ମାନବ ସମ୍ବଳ ନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ ଓ ଶକ୍ତି କୋଇଲା ଖଣି ନିର୍ବାହୀ ନିର୍ଦ୍ଦେଶକ ସତ୍ୟବାଦୀ ମିଶ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ନାରୀ ସଶକ୍ତୀକରଣ ଉପରେ ଆଲୋକପତ କରିଥିଲେ। ଘର, ପରିବାର, ରାଜ୍ୟ ଓ ଦେଶ ଗଠନରେ ନାରୀର ଭୂମିକା ଉପରେ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ନାଲକୋ ଖଣି ଓ ପ୍ରଶୋଧନ ନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର, ମୁଖ୍ୟ ମହାପ୍ରବନ୍ଧକ (ସ୍ମେଲଟର) ଅକ୍ଷୟ କୁମାର ବେହେରା, ତରୁଣ ତ୍ରିପାଠୀ, ଭରତ ମହାରଣା, ରାଜୀବ ରଞ୍ଜନ ତଥା ସମସ୍ତ ୟୁନିଅନ୍ ଓ ଆସୋସିଏସନ୍‌ର ପଦାଧିକାରୀ ସମାରୋହରେ ଯୋଗଦେଇଥିଲେ। ମାନବ ସମ୍ବଳ ମହାପ୍ରବନ୍ଧକ ରାଜାରାମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ନାଲକୋ ଲେଡିକ କ୍ଲବ ତରଫରୁ ଚିତ୍ତାକର୍ଷକ କ୍ଷୁଦ୍ର ନାଟକ 'ସକାଳର ପ୍ରତୀକ୍ଷାରେ' ଓ ନାଲକୋ ମହିଳା କର୍ମଚାରୀ, ଗୃହିଣୀମାନଙ୍କ ଦ୍ୱାରା ନୃତ୍ୟଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମିସ ଇରା କୁମାରୀ, ସୋନାଲି ଶୁକ୍ଲା ଓ ବୈଜୟନ୍ତୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଉପ ମହାପ୍ରବନ୍ଧକ ନନୀତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। କିଶୋର କୁମାର ବେହେରା, ଲଲାଟେନ୍ଦୁ ମହାପାତ୍ର, ଶକ୍ତିପଦା ରଥ, ହରିହର ସା, ଅଟଳ ଷଡ଼ଙ୍ଗୀ, ଚନ୍ଦ୍ରମୋହନ ମୁଣ୍ଡାରୀ, ସୌତନ କୋନହାର, ବିର୍ସା ସିଧୁ, ସରୋଜ ବେହେରା, ଉତ୍କଳ ବଳବନ୍ତରାୟ, ଡାକ୍ତର ସାହୁ, ଅଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

**ବଇଣ୍ଡା,୮ ।୩(ସମିସ):** ଠାକୁରଗଡ଼ ଥାନା ଅମାସମା ଜଙ୍ଗଲର ଏକ ଗଛରୁ ରବିବାର ପୁଲିସ ବାସୁଦେବପୁର ଗ୍ରାମର ରୀତା ନାୟକ (୨୫)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଶାଶୂଘର ଲୋକେ ତାଙ୍କୁ ମାରି ଗଛରେ ଓହଳାଇ ଦେଇଥିବା ରୀତାଙ୍କ ବାପା ଗଦାଧର ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରୀତାଙ୍କୁ ଅନେକ ସମୟରେ ଶାଶୂଘର ଲୋକେ ନିର୍ଯାତନା ଦେଉଥିଲେ। ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ମାରିଦେବା ପାଇଁ ବହୁବାର ଧମକ ଦେଉଥିଲେ। ବିଶେଷ କରି ଗୁରୁବାରଠାରୁ ଝିଅ ସହ ଶାଶୂଘର ଲୋକେ ଯୋଗାଯୋଗ କରାଇ ଦେଉ ନ ଥିଲେ। ତାଙ୍କୁ ମାରି ଆତ୍ମହତ୍ୟା ରୂପ ଦେବା ପାଇଁ ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

## ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**ଅନୁଗୋଳ,୮ ।୩(ସମିସ):** ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ପଡ଼ିଆ ନିକଟରେ ଥିବା ବିଲ୍ୱ ବୃକ୍ଷ ମୂଳେ ଆଗାମୀ ମା' ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ପୂଜକ ଅଶୋକ କରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ଗୋପାଳ ରଞ୍ଜନ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇ ମାଟିକୁ ମା'ଙ୍କ ମଣ୍ଡପକୁ ଅଣାଯାଇଥିଲା। ମାର୍ଚ୍ଚ ୨୪ରେ ପୂଜା ଆରମ୍ଭ ହୋଇ ୨୯ ତାରିଖ ବିସର୍ଜନ ହେବ। କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ କୁମାର ମହାନ୍ତି, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ ଦେବତା, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ, ତାପସ ରଞ୍ଜନ ରାୟଙ୍କ ସମେତ ସଭ୍ୟ ପ୍ରତାପ ମାଝୀ, ମନୁ ପ୍ରଧାନ, ଗିରିଜା ପଟ୍ଟନାୟକ, ଜଗରାଜ ସିଂହ, ସୌମ୍ୟରଞ୍ଜନ ଦାଶ, ବାପି ଦାସ, ଯତୀନ ସେଠୀ, ବିକି, ଅମନ୍, ରୋଶନ ପ୍ରମୁଖ ଉପସ୍ଥିତ ଥିଲେ।



## କିଶୋରନଗର ରୋଗୀ କଲ୍ୟାଣ ସମିତି ବୈଠକ

**କିଶୋରନଗର,୮ ।୩(ସମିସ):** କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରବିବାର ୨୦୨୫-୨୬ ବର୍ଷର ରୋଗୀକଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସମିତି ଅଧ୍ୟକ୍ଷ ତଥା ବିଧାୟକ ନଳିନୀକାନ୍ତ ପ୍ରଧାନ ଅଧ୍ୟକ୍ଷତା କରି ରୋଗୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଉପରେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏଲଇଡି ଲାଇଟ୍ ଲଗାଯିବା, ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଓ ମିଟିଂ ହଲ ମରାମତି ସହ ରଙ୍ଗ ଲଗାଯିବା, ଶୌଚାଳୟଗୁଡ଼ିକର ମରାମତି ଓ ପୁନରୁଦ୍ଧାର, ପୁରୁଣା ପାଚେରିର ଉଚ୍ଚତା ବୃଦ୍ଧି ଓ ଭାଙ୍ଗିଯାଇଥିବା ପାଚେରି ନୂତନ ନିର୍ମାଣ ଉପରେ ପ୍ରସ୍ତାବ ରଖାଯାଇ ଏହାର କାର୍ଯ୍ୟ ସମ୍ପାଦନ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏଥିସହ ପ୍ରସୂତି ବିଭାଗ କୋଠରିରେ ନୂତନ ବେଡ୍ କ୍ରୟ ପାଇଁ ପ୍ରସ୍ତାବ ଦିଆଯାଇଛି। ବିପିଏମ୍ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ପୁରୁଣା ଓ ନୂତନ ସମସ୍ତ ଖର୍ଚ୍ଚ ଅନୁମୋଦନ କରାଯାଇଥିଲା। ବିଏଏମ୍ ପ୍ରମୋଦ କୁମାର ସିଂହ ସମିତିର ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଏଥିରେ ବିପିଏଚଓ ଡା ଜେୱା ତ୍ରିପାଠୀ, ବିଡିଓଙ୍କ ପ୍ରତିନିଧି ତଥା ଡବ୍ଲ୍ୟୁଇଓ ତିଦ୍ରିବ ବରାଳ, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ, କନିଷ୍ଠ ଯନ୍ତ୍ରୀ ହିମାଂଶୁ ମହାଲିକ, ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ଦାଶ, ଅଙ୍ଗପଡ଼ାର ଆୟୁଷ ଡାକ୍ତର ବିନୋଦିନୀ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଉଦଯାପିତ




**କିଶୋରନଗର,୮ ।୩(ସମିସ):** ଦେଶବ୍ୟାପୀ ୧୦୦ ଦିନିଆ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ଓ ୨୦୩୦ ସୁଦ୍ଧା ଭାରତ ସରକାରଙ୍କ ବାଲ୍ୟ ବିବାହମୁକ୍ତ ଭାରତ ଗଠନ ଲକ୍ଷ୍ୟ ସାକାର କରିବା ନିମନ୍ତେ ବିଶ୍ୱ ଯୁବକେନ୍ଦ୍ର ତରଫରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ରବିବାର ଅନ୍ତର୍ଜାତୀୟ ମହିଳା ଦିବସରେ ଉଦଯାପିତ ହୋଇଛି। ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ତରଫରୁ ଜିଲ୍ଲାର ବିଭିନ୍ନ ପଦବୀରେ ଥିବା ମହିଳା ଅଧିକାରୀ, ଡିଏସପି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଅଧିକାରୀମାନେ ସଂସ୍ଥାକୁ ମହିଳା ଓ ଶିଶୁ ଉନ୍ନୟନ କ୍ଷେତ୍ରରେ ସମର୍ପିତ ସେବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଗ୍ରାମମାନଙ୍କରେ ମହିଳା, କିଶୋରୀଙ୍କୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ଦ୍ୱାରା ବାଲ୍ୟବିବାହ ବିରୋଧରେ ଆରମ୍ଭ ହୋଇଥିବା ୧୦୦ ଦିନର ସଚେତନତା ଅଭିଯାନ ଅନ୍ତର୍ଗତ ଜିଲ୍ଲାର ଗାଁ ଓ ସହରଗୁଡ଼ିକରେ ସଚେତନତା ପ୍ରସାର ପାଇଁ "ବାଲ୍ୟ ବିବାହମୁକ୍ତି ରଥ' ପରିଚାଳିତ ହୋଇଥିଲା। ବିଶ୍ୱ ଯୁବକେନ୍ଦ୍ର ହେଉଛି ଜଷ୍ଟ ରାଇଟ ଫର ଚିଲଡ୍ରେନ ନାମକ ସଂଗଠନର ସହଭାଗୀ, ଯାହା ଦେଶର ୨୫୦ରୁ ଅଧିକ ସଂଗଠନର ସବୁଠାରୁ ବଡ଼ ନେଟୱର୍କ। ଏହା ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ପାଇଁ କାମ କରୁଛି। ଅନୁଗୋଳ ଜିଲ୍ଲାରେ ବାଲ୍ୟ ବିବାହ ମୁକ୍ତି ରଥକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ନାୟକ, ଶିଳ୍ପ ଓ ଆଇଟି ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଶୁଭାରମ୍ଭ କରିଥିଲେ। ୩୦ ଦିନରେ ଏହି ରଥ ଜିଲ୍ଲାରେ ୨୦୫୭ କିମି ଯାତ୍ରା କରିଥିଲା। ୯୦୦ ଗାଁରେ ପହଞ୍ଚି ପ୍ରାୟ ୫ ଲକ୍ଷ ଲୋକଙ୍କୁ ଅଭିଯାନ ସହ ଯୋଡ଼ିଥିଲା ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର କହିଥିଲେ ଯେ ଏହି ୧୦୦ ଦିନର ସଚେତନତା ଅଭିଯାନ ଏବଂ ବାଲ୍ୟ ବିବାହ ମୁକ୍ତି ରଥ ପରିବର୍ତ୍ତନ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା କେବଳ ଏକ ଅଭିଯାନ ନୁହେଁ ବରଂ ପରିବର୍ତ୍ତନର ସନ୍ଦେଶ ଥିଲା, ଯାହାକୁ ଲୋକେ ଗ୍ରହଣ ଓ ସମର୍ଥନ କରିଛନ୍ତି ବୋଲି ସେ କହିଥିଲେ।

## ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**କଣିହାଁ,୮ ।୩(ସମିସ):** କଣିହାଁ ଥାନା ଅନ୍ତର୍ଗତ ଟେଣ୍ଟେଇବେରେଣି ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ସେହି ଗ୍ରାମର ଅଭିଯୁକ୍ତ ସୁମନ୍ତ ଗୋଛାୟତ (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ଶନିବାର ରାତିରେ ମହିଳା ଓ ତାଙ୍କ ସ୍ୱାମୀ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧ଟାରେ ସୁମନ୍ତ ଘରେ ପଶି ମହିଳାଙ୍କୁ ଟଣାଓଟରା କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଆଶ୍ରମ ସ୍କୁଲରେ ହାଡ଼ଫୁଟି ଆତଙ୍କ; ୮ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**ପାଲଲହଡ଼ା,୮ ।୩(ସମିସ):** ପାଲଲହଡ଼ା ଉପଖଣ୍ଡ ସଦରମହକୁମା ନିକଟ ସିଗାଡ଼ ପଞ୍ଚାୟତ ନାଇକାଣୀପାଲି ଗ୍ରାମ ଆଶ୍ରମ ବିଦ୍ୟାଳୟରେ ହାଡ଼ଫୁଟି ବ୍ୟାପିଛି। ବିଦ୍ୟାଳୟର ୮ରୁ ଉର୍ଦ୍ଧ୍ୱ ଛାତ୍ର ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯାଇ ବିଦ୍ୟାଳୟକୁ ନିଆଯାଇଥିବା ବେଳେ ଅନ୍ୟ ଛାତ୍ରଛାତ୍ରୀଙ୍କଠାରୁ ଅଲଗା ରଖାଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଞ୍ଜନ କୁମାର ଶତପଥୀଙ୍କ ସହ ଯୋଗାଯୋଗ କରିବାରୁ କହିଲେ, ଗତକାଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ କିଛି ଛାତ୍ର ଆକ୍ରାନ୍ତ ଥିବା ଜଣାପଡ଼ିଛି। ପିଲାମାନଙ୍କ ଚିକିତ୍ସା କରାଯାଇଛି। ରବିବାର ପୁଣି ପରୀକ୍ଷା ପାଇଁ ଆକ୍ରାନ୍ତ ଛାତ୍ରମାନଙ୍କୁ ପାଲଲହଡ଼ା ଡାକ୍ତରଖାନା ନିଆଯାଇଥିଲା। ସେମାନଙ୍କୁ ଅନ୍ୟ ଛାତ୍ରଛାତ୍ରୀଙ୍କଠାରୁ ଅଲଗା ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ଷ୍ଟିଲ ବାଡ଼ ଚୋରି

**କଣିହାଁ,୮ ।୩(ସମିସ):** କଣିହାଁ ବ୍ଲକ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟର ଷ୍ଟିଲ ବାଡ଼ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟରେ କିଛିଦିନ ପୂର୍ବରୁ ଷ୍ଟିଲ ବାଡ଼ ଲଗାଯାଇଥିଲା। ଶନିବାର ଏହି ବାଡ଼ ଚୋରି ହୋଇଥିବା ସରପଞ୍ଚ ପ୍ରଭାତୀ ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ଏନଏଚ ପାର୍ଶ୍ୱର ଏକ ବ୍ୟସ୍ତବହୁଳ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ ଅବସ୍ଥିତ ଥିବାବେଳେ ଦୁର୍ବୃତ୍ତମାନେ ଏଠାରୁ ଷ୍ଟିଲ ଗ୍ରିଲ୍ ତାଡ଼ିନେବା ନେଇ ଜନସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ତଦନ୍ତ ଜାରି ରଖିଛି।



## ମିଳିଲା 'ସୁଭଦ୍ରା'ର ଚତୁର୍ଥ କିସ୍ତି



**ଅନୁଗୋଳ,୮ ।୩(ସମିସ):** ଆଜି ଅନ୍ତର୍ଜାତୀୟ ମହିଳା ଦିବସରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଟସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆଜି ପୁରୀ ଜିଲ୍ଲାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର କୋଟିଏରୁ ଉର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅନୁଗୋଳ ସଭାଗୃହରେ ଏକ କାର୍ଯ୍ୟକ୍ରମ ଦ୍ୱାରା ଅନୁଗୋଳରେ ୪୦୦ରୁ ଉର୍ଦ୍ଧ୍ୱ ମହିଳା ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଯୋଜନାରେ ଜିଲ୍ଲାର ୩ ଲକ୍ଷ ୨୦ ହଜାର ୨୫୬ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ଯୋଗଦେଇ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଗୋଳ ଓ ବଅଁରପାଳ ସିଡିପିଓଙ୍କୁ ଶ୍ରେଷ୍ଠ ସିଡିପିଓ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ଅଙ୍ଗନବାଡ଼ି କର୍ମୀ, ସହାୟିକା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସମେତ ଆଶାକର୍ମୀ, ଶକ୍ତି ସଦନ, ୱାନ ଷ୍ଟପ୍ ସେଣ୍ଟର୍ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଖଣି ଟାଇମ୍ ଅଫିସ୍‌ରେ ବିଏମଏସ୍‌ର ଧାରଣା**

## ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

କଣିହାଁ,୮ ।୩(ସମିସ):



କଣିହାଁ କୋଇଲା ଖଣିରେ ବିଭିନ୍ନ ଦାବି ନେଇ ବିଏମଏସ୍ କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା। ଖଣି ମହାପ୍ରବନ୍ଧକଙ୍କ ଅଫିସ୍ ସମ୍ମୁଖରେ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଶୁକ୍ରବାରଠାରୁ ଧାରଣା ଆରମ୍ଭ ହୋଇଥିଲା। ରବିବାର ସକାଳ ୬ଟାରେ ସଂଘର ଶତାଧିକ କର୍ମଚାରୀ ଖଣି ଟାଇମ୍ ଅଫିସ୍ ବନ୍ଦ କରିବା ସହ କୋଇଲା ଉତ୍ତୋଳନ, ପରିବହନ ଓ ଏନ୍‌ଟିପିସିକୁ କୋଇଲା ପରିବହନ ହେଉଥିବା ତେଲିସିଂହା ରେଲୱେ ସାଇଡିଂ, ଲୋକାଲ୍‌ସେଲ ଏବଂ ଜେଆଇପିଏଲ୍ କମ୍ପାନୀକୁ କୋଇଲା ଯାଉଥିବା ଜରଡ଼ା ସାଇଡିଂରେ ପିକେଟିଂ କରିଥିଲେ। ଏହା ସହିତ ଖଣି ମହାପ୍ରବନ୍ଧକ ଓ ପ୍ରକଳ୍ପ ଅଧିକାରୀଙ୍କ ଅଫିସ୍ ସହ ଅନ୍ୟାନ୍ୟ କାର୍ଯ୍ୟାଳୟ ମଧ୍ୟ ବନ୍ଦ କରାଯାଇଥିଲା। ଫଳରେ ପ୍ରାୟ ୮ ଘଣ୍ଟା ଧରି ଖଣିରୁ କୋଇଲା ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପରେ ମଧ୍ୟାହ୍ନରେ ବିଏମଏସ୍ ସେଣ୍ଟ୍ରାଲ୍ କମିଟି ସଦସ୍ୟ ବୀରେନ ଖିଲାର ଓ ରଞ୍ଜନ ବେହେରା ଖଣି ପରିସରରେ ପହଞ୍ଚି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଖଣି ମହାପ୍ରବନ୍ଧକ ନରେଶ ସିଂହ, ପ୍ରକଳ୍ପ ଅଧିକାରୀ ପରମାନନ୍ଦ ଗୁଇନ୍, ବିଏମଏସ୍ ସେଣ୍ଟ୍ରାଲ୍ କମିଟି ସଦସ୍ୟ ଓ ଏରିଆପ୍ରକଳ୍ପ ପଦାଧିକାରୀମାନଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତ ଜାନୁଆରୀ ମାସର ବକେୟା ଛୁଟି ଓ ରବିବାର ଦିନ କାମ କରିଥିବା କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ ଏମସିଏଲ୍ ମୁଖ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ ଡାକାଯିବାକୁ ସମ୍ମତି ପ୍ରକାଶ ପାଇଥିଲା। ପରେ ବିଏମଏସ୍ ପକ୍ଷରୁ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ବିଏମଏସ୍ ପକ୍ଷରୁ ଗତ ଜାନୁଆରୀ ମାସର ଛୁଟି ଓ ରବିବାର କାମ କରିଥିବା ଶ୍ରମିକଙ୍କୁ ମଜୁରି ପ୍ରଦାନ, ରୋଗୀଙ୍କୁ କଣିହାଁରୁ ସିଧାସଳଖ ରେଫର୍ କରିବା, ଏସ୍‌ଏପିରେ କର୍ମଚାରୀଙ୍କ ଉପସ୍ଥିତି ସଠିକ୍ ଭାବେ ଏଣ୍ଟ୍ରି କରିବା ଓ ନିଯୁକ୍ତି ପରେ କନଫର୍ମେସନ୍ ଲେଟର୍ ପ୍ରଦାନ ସହ ୫ ଦଫା ଦାବି ଉଠାଯାଇଥିଲା। ଏହି ଆନ୍ଦୋଳନରେ ବିଏମଏସ୍‌ର ବହୁ କର୍ମକର୍ତ୍ତା ଓ କର୍ମଚାରୀ ସାମିଲ ହୋଇଥିଲେ।

# ଜଳ କଷ୍ଟ ଭୋଗୁଛନ୍ତି ୨୫୦୦ ଗ୍ରାମବାସୀ

## ୧୫ଦିନରୁ ଅଧିକ ହେଲାଣି ପାଇପ୍ ପାଣି ଠପ୍ ; ବିଭାଗ ଚୁପ୍

ରାଜକନିକା,୮ ।୩(ସମିସ):

ଖରା ଆରମ୍ଭରୁ ହିଁ ଜଳକଷ୍ଟ ଭୋଗିଲେଣି ଲୋକେ। ପାଇପ୍ ଫାଟିବା ଯୋଗୁଁ ପାଣି ଠିକଣା ଜାଗାକୁ ଯାଉ ନ ଥିବାରୁ ତିନି ଗାଁର ଅଢେଇ ହଜାରରୁ ଅଧିକ ଲୋକ ପ୍ରଭାବିତ ହେଉଛନ୍ତି। ବସୁଧା ଯୋଜନାର ଏହି ପାଇପ୍ ଲାଇନ୍ ଏବେ ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଯାଇଛି। ଏନେଇ ଯେତେ ଅଭିଯୋଗ କଲେ ବି ବିଭାଗୀୟ ନିରବଦ୍ରଷ୍ଟା ଅଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। ଯଦି ଏହାର ସମାଧାନ କିଛି ନ ହୁଏ ତେବେ ଜଳକଷ୍ଟ ଭୋଗିବାର ଆଶଙ୍କା ବି ଦେଖାଗଲାଣି।



ସୂଚନା ଅନୁଯାୟୀ ରାଜକନିକା ବ୍ଲକ୍ ପଧାନପଡ଼ା ପଞ୍ଚାୟତର ଶେଷ ଗାଁ ହେଉଛି ବାଲିସାହି ,ସାନ ହଳପଡା ଓ ବଡ଼ ହଳପଡ଼ା। ଉପାନ୍ତଅଞ୍ଚଳ ଭାବେ ପରିଚିତ ଏହି ଅଞ୍ଚଳ ପ୍ରତି ପ୍ରଶାସନର ବୈମାତୃକ ମନୋଭାବ ସର୍ବଦା ଲାଗି ରହିଛି। ବଡ଼ ହଳପଡ଼ାଠାରେ ବସୁଧା ଯୋଜନାରେ ନିର୍ମିତ ଏକ ପମ୍ପ୍ ହାଉସ ଅତି ନିମ୍ନମାନର ହୋଇ ଥିବାରୁ ପ୍ରତ୍ୟେକ ଦିନ ତ୍ରୁଟି ଦେଖାଯାଉଛି। ଗାଁ ଗାଁରେ ବିଛା ଯାଇଥିବା ପାଇପ୍ ସଠିକ୍ ଢଙ୍ଗରେ ପୋତା ଯାଇ ନ ଥିବାରୁ ବିଭିନ୍ନ ସମୟରେ ପାଇପ୍ ଫାଟି ଯାଉଛି। ଏଥିପାଇଁ ମାସରେ କୋଡିଏ ଦିନ ପାଣି ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ତାଛଡ଼ା ଏହି ଯୋଜନାରେ ବସୁଧା ସ୍କିମ୍ ରେ ବିବିଧ ଅନିୟମିତତା ହୋଇ ଥିବାରୁ ଏଥିରେ ଦୁର୍ନୀତିର ଗନ୍ଧ ବି ବାରି ହୋଇ ପଡୁଛି। ପାଇପ୍ ବିଛା ହୋଇଛି, ଷ୍ଟାଣ୍ଡପୋଷ୍ଟ ଅଛି ହେଲେ ପାଣି ଆସୁନାହିଁ। ସେଇଭଳି ବଡ଼ ହଳପଡ଼ା ଗାଁର ପ୍ରାୟ ଶତକଡା ୬୦ ଭାଗ ଅଞ୍ଚଳକୁ ପାଇପ୍ ପାଣି ଉପଲବ୍ଧ ହେବାବେଳେ ଅବଶିଷ୍ଟ ଭାଗରେ ଏହି ପାଣି ଆସେ ନାହିଁ। ସାନ ହଳପଡ଼ା ଗାଁର ଶତକଡା ୮୦ ଭାଗ ସ୍ଥାନକୁ ପାଇପ୍ ପାଣି ଉପଲବ୍ଧ ହୋଇଛି ସତ ୧୫ଦିନରୁ ଅଧିକ ଦିନ ହେଲାଣି ପମ୍ପହାଉସ ଅକାମୀ ହେବାଯୋଗୁଁ ସବୁଠି ପାଣି ସଙ୍କଟ ଦେଖାଦେଇଛି। ଗ୍ରାମବାସୀଙ୍କ ଆବଶ୍ୟକତା ମେଣ୍ଟାଇବା ନିମନ୍ତେ ଅନ୍ୟ କୌଣସୀ ସାଧନ ନ ଥିବାରୁ ପାଇପ୍ ପାଣିକୁ ବେଶୀ ବ୍ୟବହାର କରୁଥିବାରୁ ଏଭଳି ଦୁର୍ଦ୍ଦଶା ଲାଗି ରହିଛି। ଅବଶ୍ୟ ନଳକୂପ କିଛି ମାତ୍ରାରେ ପାନୀୟ ଜଳ ଅଭାବକୁ ଭରଣା କରୁଥିବା ବେଳେ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବାରେ ନଳକୂଅ ପାଣି ପର୍ଯ୍ୟାପ୍ତ ହୋଇ ପାରୁନାହିଁ। ଏଥିପାଇଁ ପାଇପ୍ ପାଣିର ଅଭାବ ଲୋକଙ୍କୁ ହରଡ଼ଘଣାରେ ପକାଇଛି। ତୁରନ୍ତ ଏଭଳି ଏକ ଗୁରୁତର ପ୍ରସଙ୍ଗ ଉପରେ ବିଭାଗୀୟ ଉଚ୍ଚାଧିକାରୀ ତ୍ୱରିତ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ପଧାନପଡ଼ା ସରପଞ୍ଚ ସନାତନ ଦାସଙ୍କୁ ପଚାରିବାରୁ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ପ୍ରତ୍ୟେକ ସମୟରେ କିଛି ନା କିଛି ସମସ୍ୟା ଉପୁଜୁଛି। ବାରମ୍ବାର ଏନେଇ ଅଭିଯୋଗ ପରେ ବି ଆଜି ହେବ କାଲି ହେବ ଖାଲି ଶୁଣିବାକୁ ମିଳୁଛି।

## ଚକିବାଙ୍କ ଓ ନଳଦିଆ ସେତୁ ଉଦ୍‌ଘାଟିତ



ରାଜନଗର,୮ ।୩(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଜନ -୨ କେନ୍ଦ୍ରାପଡ଼ା ପକ୍ଷରୁ ରାଜନଗର ବ୍ଲକ ଅଧୀନ ଚକିବାଙ୍କ ଠାରେ କାଣୀନାଳ ଉପରେ ନିର୍ମିତ ଉଚ୍ଚ ସୋପାନ ସେତୁ ଓ ବ୍ରାହ୍ମଣୀ ନାଳ ଉପରେ ନିର୍ମିତ କଟକଣା ନଳଦିଆ ସେତୁ ରବିବାର ଉଦ୍‌ଘାଟିତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଦୁଇଟି ସେତୁକୁ ଉଦ୍‌ଘାଟିତ କରିଛନ୍ତି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ପୁଷ୍ପଲତା ପାତ୍ର , ରାଜ୍ୟ ଛାତ୍ର ବିଜେଡି ଉପ ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ବରିଷ୍ଠ ନେତା ନିରଞ୍ଜନ ରାଉତ, କୈଳାଶ ଚନ୍ଦ୍ର ପରିଡ଼ା, ବିଜୟ କୁମାର ନାୟକ, ଦିଲୀପ କୁମାର ପାତ୍ର, ଯୁବନେତା ସୁରେଶ ପାତ୍ର , ଛାତ୍ର ନେତା ପରମେଶ୍ୱର ଦାସ , ମନୋରଞ୍ଜନ ରାଉତ, ସୁଧାଂଶୁ ମହାନ୍ତି , ସୁମନ୍ତ ନାୟକ , ବନମାଳୀ ବେହେରା , ପ୍ରଭାତ ନାୟକ , ବିଚିତ୍ର ପାତ୍ର , କୀର୍ତ୍ତନ ମହାନ୍ତି , ରବୀନ୍ଦ୍ର ପ୍ରଧାନ, ରକି ପାତ୍ର, ରିଷି ପାତ୍ର, ଶଶିକାନ୍ତ ବିଶ୍ୱାଳ, ନିର୍ମଳ ନାଥ, ଗୁରୁଚରଣ ବଳ , ରାଜେନ୍ଦ୍ର ରାଉତ, କାଳନ୍ଦି ପ୍ରଧାନ, କିରଣ କୁମାର ମହାନ୍ତି, ଦିବାକର ସେଠୀ, ପ୍ରମୋଦ ବେହେରା, ପ୍ରଭାତ ନାୟକ, ସୁମନ୍ତ ନାୟକ, ଶଶିକାନ୍ତ ରାଉତ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ନେତାଜୀ କ୍ଲବ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ରାଜକନିକା,୮ ।୩(ସମିସ): ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରିବା ଲକ୍ଷ୍ୟ ନେଇ ତରାସ ଗାଁର ନେତାଜୀ କ୍ଲବ୍ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରୟାସ ରଖି ଗାଁର ସମସ୍ତ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାକୁ ପ୍ରୟାସ ରଖି ଆସିଛି। ଆଜି ବିଶ୍ୱ ମହିଳା ଦିବସ ପାଳନ ଅବସରରେ ଏହି ଗାଁର ସର୍ବୋଦୟ କର୍ମୀ ସ୍ୱର୍ଗତ ରବି ନାରାୟଣ ଜେନାଙ୍କ ଏକାଦଶାହରେ ଶପଥ ନେଇଥିବା ଯୁବ ଗୋଷ୍ଠୀ ପ୍ରତିଟି ମହିଳାଙ୍କୁ ଆର୍ଥିକ ସୁଦୃଢ଼ କରାଇବାକୁ ଉଦ୍ୟମ ରଖିଆସିଛି। ଏହି ଗାଁ ର ମହିଳା ମାନଙ୍କ ଦ୍ୱାରା ଓରମାସ ସହାୟତାରେ କନିକା ସୁନ୍ଦରୀ ବ୍ରାଣ୍ଡରେ ଧୂପ ପ୍ରସ୍ତୁତି ଜାରି ରହିଥିବା ବେଳେ ଏବେ ମୁଗ ପ୍ରକ୍ରିୟାକରଣ, ନଡ଼ିଆ ତେଲ ପ୍ରସ୍ତୁତି, ହଳଦୀ ଗୁଣ୍ଡ, ଧାନ କୁଟା ହଲର ବସାଇବାକୁ ଉଦ୍ୟମ ରହିଛି। ସେହିପରି ଖଦୀ ଗ୍ରାମଦ୍ୟୋଗ ବିଭାଗ ସହାୟତାର ଏହି ଗ୍ରାମରେ ମହୂ ଚାଷ ମଧ୍ୟ ଆରମ୍ଭ ହେବାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଘରେ ରହୁଥିବା ମହିଳାମାନଙ୍କ ବଳକା ସମୟର ସଦୁପଯୋଗ କରାଇ ନେତାଜୀ କ୍ଲବ୍‌ର ଲଗାତର ଉଦ୍ୟମ ଆଗକୁ ବଢୁ ଥିବା ବେଳେ ମହିଳା ମାନେ ମଧ୍ୟ ଏଥି ପ୍ରତି ଆକୃଷ୍ଟ ହୋଇ ଆଗେଇ ଆସିବା ଆଜିର ମହିଳା ଦିବସରେ ବେଶ ଉତ୍ସାହ ବଢ଼ାଇ ଦେଇଥିଲା। ତେବେ ଗାଁଗାଁରେ ମହିଳା ମାନଙ୍କୁ ସ୍ୱପ୍ନ ଦେଖାଇ ତାଙ୍କୁ ପ୍ରଗତିର ସୋପାନ ଆଡ଼କୁ ମୁହାଇ ଦେଇ ଥିବାରୁ ସବୁଠି ନେତାଜୀ କ୍ଲବ୍‌ର ପ୍ରୟାସକୁ ପ୍ରଶଂସା ମିଳିଛି।



## ମିଲର ଆସୁନାହାନ୍ତି; ପଡ଼ିରହିଛି ଧାନ

ମହାକାଳପଡ଼ା,୮ ।୩(ସମିସ): ମହାକାଳପଡ଼ା ବ୍ଲକ୍ ଅଧୀନ ବାରଡାଙ୍ଗ କୃଷି ସମବାୟ ସମିତି ଲିମିଟେଡରେ ଧାନ କ୍ରୟ ପ୍ରକ୍ରିୟାରେ ଅବ୍ୟବସ୍ଥା ଦେଖାଦେଇଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ନିୟମ ଅନୁସାରେ ଚାଷୀମାନେ ନିଜ ଧାନ ବିକ୍ରୟ ପାଇଁ ସୋସାଇଟି ମାଧ୍ୟମରେ ଧାନ ଆଣି ରଖିଥିଲେ ମଧ୍ୟ ଗତ ୫ ଦିନ ଧରି ଧାନ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ବାରଡ଼ାଙ୍ଗ, କୋଚିଲା, ବରକନ୍ଧା, ବିଜୟନଗର, ମଙ୍ଗଳପୁର ସହ ଅନେକ ସୋସାଇଟି ଏଇଭଳି ଅବ୍ୟବସ୍ଥା ଲାଗିରହିଛି। ବର୍ତ୍ତମାନ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନେ ଆହୁରି ଚିନ୍ତିତ ହୋଇପଡ଼ିଛନ୍ତି। ବର୍ଷା ହେଲେ ସୋସାଇଟିରେ ରଖାଯାଇଥିବା ଧାନ ଭିଜି ନଷ୍ଟ ହେବାର ଭୟ ରହିଛି ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ମିଲରମାନେ ପ୍ରାୟ ୧୫ ଦିନ ବ୍ୟବଧାନରେ ସୋସାଇଟିକୁ ଆସୁଥିବାରୁ ଧାନ ଉଠାଣ ଓ କ୍ରୟ ପ୍ରକ୍ରିୟାରେ ବିଳମ୍ବ ହେଉଛି। ଫଳରେ ଧାନ ବିକ୍ରୟ ପାଇଁ ଆସିଥିବା ଚାଷୀମାନେ ଦିନେଦିନେ ସୋସାଇଟି ଚକ୍କର କାଟିବାକୁ ବାଧ୍ୟ ହେଉଛନ୍ତି। କେତେକ ଚାଷୀ ନିଜ ଧାନ ଦୀର୍ଘ ସମୟ ଧରି ସୋସାଇଟିରେ ରଖିଥିବା ବେଳେ ସେଥିପାଇଁ ରକ୍ଷଣାବେକ୍ଷଣ ବ୍ୟବସ୍ଥା ମଧ୍ୟ ସଠିକ୍ ଭାବରେ ହୋଇନଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ଯଦି ଶୀଘ୍ର ଧାନ କ୍ରୟ ପ୍ରକ୍ରିୟା ପୁନରାରମ୍ଭ ହେବ ନାହିଁ, ତେବେ ଚାଷୀମାନଙ୍କ ଧାନ ନଷ୍ଟ ହେବା ସହ ବହୁତ ଆର୍ଥିକ କ୍ଷତି ସହିବାକୁ ପଡିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ସମସ୍ୟାର ଶୀଘ୍ର ସମାଧାନ କରି ନିୟମିତ ଭାବରେ ଧାନ କ୍ରୟ ଓ ଉଠାଣ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ଦାବି କରିଛନ୍ତି।



## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ



କେନ୍ଦ୍ରାପଡ଼ା,୮ ।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାରୀ ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମାଜ ଗଠନରେ ମହିଳାଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରୁ ଆଭାସୀ ମାଧ୍ୟମରେ ଯୋଗଦେଇ ନାରୀମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ସମୃଦ୍ଧ ଓଡ଼ିଶା ଗଠନ ସମ୍ଭବ ବୋଲି କହିଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜରାୟୁ ଗ୍ରୀବା କର୍କଟ ରୋଗ ପ୍ରତିରୋଧ ପାଇଁ ଦିଆଯାଉଥିବା ମାଗଣା ଟିକାକରଣ କାର୍ଯ୍ୟକ୍ରମରେ ୧୪ ରୁ ୧୫ ବର୍ଷ ବୟସର କିଶୋରୀମାନଙ୍କୁ ଅଧିକ ସଂଖ୍ୟାରେ ସମ୍ମିଳିତ କରିବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବ କ୍ରିଷ୍ଣ ଜେନା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡେପୁଟି ମ୍ୟାନେଜର ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୨ ହଜାର ୮୨ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥରାଶି ପ୍ରଦାନ କରାଯାଇଛି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଡେରାବିଶ,୮ ।୩(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅଧୀନ ଦୁମୁକାହାଟଠାରେ କେନ୍ଦ୍ରକ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ମାଇଁ ଭାରତ, ସ୍ପୋର୍ଟସ୍ ଅଥୋରିଟି ଅଫ୍ ଇଣ୍ଡିଆ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ର ମିଳିତ ଅନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ୧୦୦୦ରୁ ଅଧିକ ଛାତ୍ରୀ ଓ ମହିଳା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତି ମଳିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରୀଡ଼ା ଶିକ୍ଷକ ରିତାଞ୍ଜଳି ସାହୁ, ମୁନା ମଲିକ, ଦିବ୍ୟାରାନି ମହାଲିକ, ସଙ୍ଗୀତା ଜେନା, ବାନାମ୍ବର ସାହୁ, ନରେନ୍ଦ୍ର କୁମାର ଗୋଚ୍ଛୟତଙ୍କ ସହଯୋଗରେ ଛାତ୍ରୀ ଓ ମହିଳାମାନଙ୍କ ମଧ୍ୟରେ ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତା ପରେ ପ୍ରଧାନ ଶିକ୍ଷୟିତ୍ରୀ ଟିକିଲି କୁମାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର, ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ଅଧିକାରୀ ମାଇଁ ଭାରତ ପକ୍ଷରୁ ଗୋଲି ତିରୁପତି ରେଡ୍ଡି ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ଡେରାବିଶ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ହୃଷିକେଶ ବହିରା, ମାନସି ଓଝା, ବୈଜୟନ୍ତି ବାରିକ, ଗୀତାଞ୍ଜଳି ସାହୁ, ସୁଧାଂଶୁ ସ୍ୱାଇଁ, ସୋନାଲିକା ମଲିକ, ବର୍ଷା ସାହୁ ଓ ମାଇଁ ଭାରତ ପକ୍ଷରୁ ଲକ୍ଷ୍ମୀକାନ୍ତ ଜେନା, ଟୁଲୁ ମଲିକ ପ୍ରମୁଖ ସହଯୋଗ କରିଥିଲେ।



## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଡେରାବିଶ,୮ ।୩(ସମିସ): ଡେରାବିଶ ବ୍ଲକ୍ ଗୁଆଲସିଂ ପଞ୍ଚାୟତ ଅଧୀନସ୍ଥ ଠାକୁରପାଟଣା ଗ୍ରାମର ଧର୍ମପ୍ରାଣା ମହିଳା ରେବତୀ ନାୟକ (୮୧)ଙ୍କ ରବିବାର ସକାଳେ ବିୟୋଗ ଘଟିଛି। ରେବତୀ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପ୍ରାଣା ମହିଳା ଭାବେ ନିଜ ଗ୍ରାମରେ ପରିଚିତ ଥିଲେ। ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କର ଏକମାତ୍ର ପୁତ୍ର ତଥା ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସରପଞ୍ଚ ମଧୁସ୍ମିତା ଦାସଙ୍କ ସମେତ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୮ ।୩(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସଂଗ୍ରାମୀ ନେତା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଓ ସମିତି ସଭ୍ୟ ଶ୍ରୀକାନ୍ତ ସାହୁ ( ସୁକନ)ଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ମୃତ୍ୟୁଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦୂର୍ଗାଶିଷ ମହାନ୍ତି, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ଯୁବନେତା ଟୁବୁଲି ଚୌଧୁରୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶ୍ରୀ ସାହୁ ଗତ କିଛି ଦିନ ହେବ ଅସୁସ୍ଥ ହୋଇ କଟକର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ସକାଳେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମର ଶରୀରକୁ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରାଯିବା ପରେ ସାନଜରିଆ ଓ ଅରଡ଼ପଲ୍ଲୀ ପଂଚାୟତ ପରିକ୍ରମା କରାଯାଇଥିଲା ଓ ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ଡ଼ ଅଲେଖ କୁମାର ଜେନା ଓ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଆଚାର୍ଯ୍ୟ, ବିଜୟ କେତନ ସ୍ୱାଇଁ, ପ୍ରଦ୍ୟୁମ୍ନ ସାମନ୍ତରାୟ, ହେମନ୍ତ ସାହୁ, ଗୀତାଞ୍ଜଳି ସେଠୀ, ଲଳିତ ବେହେରା, ରାଜନଗର କଂଗ୍ରେସ ନେତା ଅଶୋକ ପ୍ରତିହାରୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ରାଜେଶ ପଣ୍ଡା, ଭାରତ ଭୂଷଣ ଦାସ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।



## ଅଢ଼ାଖଣ୍ଡ -ମଠସାହି ସ୍କୁଲରେ ମାତୃ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୮ ।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ଅଢ଼ାଖଣ୍ଡ ମଠସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ ରାମଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ସ୍କୁଲ ପରିଚାଳନା କମିଟି ସଭାପତି ଦମୟନ୍ତୀ ଗିରି ମୁଖ୍ୟ ଅତିଥି, ଗୁଲନଗର ଗାୟତ୍ରୀ ପରିବାର ମହିଳା ମଣ୍ଡଳ ମୁଖ୍ୟ ସ୍ରୋତସ୍ୱିନୀ ପାତ୍ର ମୁଖ୍ୟବକ୍ତା, ଅଢାଖଣ୍ଡ ମଠସାହି ୟୁଜିୟୁପି ସ୍କୁଲ କ୍ଲଷ୍ଟର ସିଆରସିସି ନୀଳମଣି ବେହେରା, ନରସିଂହପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁବାଳା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାଆ ମାନଙ୍କ ମଧ୍ୟରେ ଆୟୋଜିତ ମ୍ୟୁଜିକ ଚେୟାର ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ୮ମ ଶ୍ରେଣୀ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଦାଶ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକ ଅଜିତ ପାତ୍ର, ଜଗନ୍ନାଥ ନାୟକ, ସହକାରୀ ଶିକ୍ଷୟିତ୍ରୀ ମିନତୀ ପଣ୍ଡା ଓ ସନ୍ଧ୍ୟାରାଣୀ ଦାଶ ପରିଚାଳନା କରିଥିଲେ।

## ଗାଳ୍ପିକ ଓ ଚିତ୍ରଶିଳ୍ପୀ ଅତୁଲ ବଳଙ୍କ ସ୍ମୃତିଚାରଣ ସଭା

# ରାଜନଗର ବିକାଶର ନୀଳନକ୍ସା ଆଙ୍କୁଥିଲେ: ବିଧାୟକ

ରାଜନଗର,୮ ।୩(ସମିସ): ଅତୁଲ ବଳ ରାଜନଗରରେ ଜନ୍ମ ହୋଇ ନ ଥିଲେ, ମାତ୍ର ସେ ରାଜନଗରକୁ ଭଲ ପାଉଥିଲେ। ରାଜନଗରରେ ତାଙ୍କର ଆତ୍ମା ଥିଲା। ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ତିଆରି କରିବା ଭଳି ତାଙ୍କ ଭିତରେ ଥିବା ରାଜନୈତିକ ଅଭିଳାଷକୁ ମୋ ଦ୍ୱାରା କରାଉଥିଲେ। ମୁଁ ରାଜନଗର ପାଇଁ ଯେଉଁ କାର୍ଯ୍ୟ କରୁଥିଲି, ତା ପଛରେ ନୀଳ ନକ୍ସା ଅତୁଲ ଭାଇ ତିଆରି କରୁଥିଲେ ବୋଲି ଆଜି ପ୍ରେସ୍ ପରିବାର ପକ୍ଷରୁ ରାଜନଗରସ୍ଥିତ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଗାଳ୍ପିକ, ପ୍ରଫେସର, ଚିତ୍ରଶିଳ୍ପୀ , ପ୍ରାକ୍ତନ ଅଧକ୍ଷ ଅତୁଲ ବଳଙ୍କ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ପ୍ରେସ ପରିବାରର ସଭାପତି ଭାସ୍କର ରାଉତରାୟଙ୍କ ସଭାପତିତ୍ୱରେ ସଭାରେ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ, ଜିଏସ୍‌ଟି କମିଶନର ଡ. ପଦ୍ମଲୋଚନ ରାଉତ, ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ରାଜନଗର ସାହିତ୍ୟ ଘରର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ପ୍ରଫେସର ସତ୍ୟବାଦୀ ଜେନା, ଗାଳ୍ପିକ ପ୍ରଦୀପ ନାୟକ, ବନଫୁଲର ସମ୍ପାଦକ କବି ପବିତ୍ର ବ୍ରହ୍ମପୁତ୍ର ନାୟକ, କବି ଅଭିରାମ ସାହୁ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଘନଶ୍ୟାମ ମିଶ୍ର, ଦିଲ୍ଲୀପ କୁମାର ବିଶ୍ୱାଳ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ , ଶିକ୍ଷାବିତ ବିଜୟ କୁମାର ଜେନା, ମହେଶ୍ୱର ରାଉତ, ବିଷ୍ଣୁ ପ୍ରସାଦ ରାଉତ, କ୍ଷୀରୋଦ କୁମାର ମଲ୍ଲିକ, ସୀତାକାନ୍ତ ରାଉଳ, ଶୁଭ୍ରଜ କୁମାର ବରାଳ, ହେମନ୍ତ କୁମାର ବାରିକ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପିକ ପର୍ଶୁରାମ ନାଥ, ସନ୍ଦୀପ ମହାପାତ୍ର, ଚିତ୍ତ ରଞ୍ଜନ ସ୍ୱାଇଁ, ଉମାକାନ୍ତ ମିଶ୍ର, ସମବାୟବିତ ଦିଲୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ସାମ୍ବାଦିକ ତାପସ କୁମାର ପରିଡ଼ା ସ୍ୱାଗତ ଭାଷଣ , ଦୋଳ ଗୋବିନ୍ଦ ଜେନା ଅତିଥି ପରିଚୟ , ଜଗନ୍ନାଥ ଦାସ ଧନ୍ୟବାଦ ଦେଇଥିଲେ।




## ପଟ୍ଟାମୁଣ୍ଡାଇ କୋର୍ଟରେ ଅନ୍ତର୍ଜାତୀୟ ମହିଳା ଦିବସ

ପଟ୍ଟାମୁଣ୍ଡାଇ,୮ ।୩(ସମିସ): ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଅନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ କୋର୍ଟର ସିନିଅର ସିଭିଲ ଜଜ୍ ଅପୂର୍ବା ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜେ.ଏମ୍‌ଏଫ. ସି. ବିଦ୍ୟୁତଲତା ପ୍ରଧାନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପ ସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ ଯୋଗ ଦେଇଥିଲେ। ଆଡଭୋକେଟ ଧୀରେନ୍ଦ୍ର ନାଥ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରିଟେନର ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଡଭୋକେଟ ଶିଶିର କୁମାର ମାଲିକ, କୁମାର ସତ୍ୟର ଞ୍ଜନ ନାୟକ, ଅପର୍ଣ୍ଣା ସାମଲ, ମୋହନ ଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ଅଙ୍ଗନବାଡି ଆଶା, ସ୍ୱାସ୍ଥ୍ୟ କର୍ମୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଯୋଗ ଦେଇଥିଲେ।

# କେନାଲ କଂକ୍ରିଟ୍‌କରଣ ଶିଳାନ୍ୟାସ କଲେ ବିଧାୟକ

ପଟ୍ଟାମୁଣ୍ଡାଇ,୮ ।୩(ସମିସ):

ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷକମାନଙ୍କୁ ଉତ୍ତମ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ପଟ୍ଟାମୁଣ୍ଡାଇ ସହର ଉପକଣ୍ଠ ଆହାର କେନ୍ଦ୍ର ସମ୍ମୁଖରେ ୧୫/ଏ କେନାଲ କଂକ୍ରିଟକରଣର ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ କେନାଲ କଂକ୍ରିଟକରଣ କାର୍ଯ୍ୟର ଶିଳାନ୍ୟାସ କରି ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନଙ୍କୁ ଉତ୍ତମ ଜଳସେଚନ ସୁବିଧା ଯୋଗାଇବା ସହିତ କୃଷି ଉତ୍ପାଦନ ବୃଦ୍ଧି କରି ଚାଷୀଙ୍କ ମୁଁହରେ ହସ ଫୁଟାଇବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ପ୍ରକାଶ କରିଥିଲେ। ଏହି କେନାଲ କଂକ୍ରିଟକରଣ କାର୍ଯ୍ୟ ପଟ୍ଟାମୁଣ୍ଡାଇ ଆହାର କେନ୍ଦ୍ର ବାଇପାସ ଠାରୁ ତାତନା ପର୍ଯ୍ୟନ୍ତ କରାଯିବ ବୋଲି ବିଧାୟକ ସୂଚନା ଦେବା ସହିତ ଏହାର ସଫଳ କାର୍ଯ୍ୟକାରୀତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ବିଜେଡି ସଭାପତି ବୁଢା ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, କାଉନସିଲର ସୁବାସ ମଲିକ, ସନ୍ତୋଷ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ରୀନାରାଣୀ ମଲିକ, ପ୍ରଶାନ୍ତ ବାରିକ, ସାନିଆ ପରମିନ ସାହେବା, ଝରଣା ବେହେରା, ଯୁବ ନେତା ସଂଗ୍ରାମ ସ୍ୱାଇଁ, ବରିଷ୍ଠ ନେତା ସୁରେନ୍ଦ୍ର ଗିରି, ଏମ୍‌ଡି ପପୁ ଅସୀମ ମହାନ୍ତି, ସଞ୍ଜୟ ଦାସ, ଭରତ ନାୟକ ଦିଲ୍ଲୀପ ସାହୁ ସୌରେନ୍ଦ୍ର ବେହେରା, ମଳୟ ମଲିକ, ସ୍ୱରୂପାନନ୍ଦ ସାମଲ ଦେବାଶିଷ ନାୟକ, ଅନିଲ ପଣ୍ଡା, ପୁରୁଷୋତ୍ତମ ଗିରି, ତୁଷାରକାନ୍ତ ବେହୁରା, ବାପି ସାମଲ, ବିଶ୍ୱଦେବ ନାୟକ, ଗମନ ବେହେରା, ଦିଲୀପ ମହାନ୍ତି, ଶଶିକାନ୍ତ ପଣ୍ଡା ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ। ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ଯୁବନେତା ଏମ୍‌ଡି ପପୁ, ଦିଲ୍ଲୀପ ସାହୁ, ବାବନ ସାହୁ, ଦେବାଶିଷ ନାୟକ ବାପି ସାମଲ, ମଳୟ ମଲିକଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀମାନେ ବିଧାୟକ ଶ୍ରୀସାହୁଙ୍କୁ ବକ୍ତାରପୁର ଠାରୁ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବାଇପାସ ଆହାରକେନ୍ଦ୍ର ଶିଳାନ୍ୟାସସ୍ଥଳ ପର୍ଯ୍ୟନ୍ତ ନେଇଥିଲେ।



## ବରିଷ୍ଠ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ଜଗତସିଂହପୁର,୮।୩(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡ୍ଡୁଆ ସ୍ଥିତ ପିଏମ୍‌ଶ୍ରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶାରଦା ପ୍ରସନ୍ନ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରୀତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ଗନାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ, ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ ବିଶ୍ୱଜିତ ଦାଶ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ବିଜୟ କୁମାର ସେଠୀ, ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ବ୍ରଜକିଶୋର ସ୍ୱାଇଁ, ପ୍ରାକ୍ତନ ଶିକ୍ଷୟିତ୍ରୀ ସୁଶ୍ରୀ ଗୀତା ରଥ, ଶିକ୍ଷାବିତ ପ୍ରଣାକୃଷ୍ଣ ନାୟକ, ଶିକ୍ଷକ ସୁରେନ୍ଦ୍ର ନାଥ ସାହୁ, ଶିକ୍ଷକ ଅଜୟ କୁମାର ବରାଳ, ବିମ୍ବାଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷା କମିଟିର ସଭ୍ୟ ସଭ୍ୟା, ପଞ୍ଚଶଖା ସଂଗଠନର ସଭ୍ୟ ସଭ୍ୟା, ବରିଷ୍ଠ ଶିକ୍ଷକ ସମୀର ପ୍ରସନ୍ନ ସ୍ୱାଇଁ, ତୁଷାର କୁମାର ନାୟକ, ପ୍ରଶାନ୍ତ ବେହେରା, ଶାରଦା ସାରଙ୍କ ସହପାଠୀ ପ୍ରକାଶ କୁମାର ମହାନ୍ତି, ବିଜୟା ନନ୍ଦ ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ, ସୂର୍ଯ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପଞ୍ଚସଖା ସଂଗଠନର ସହ ସମ୍ପାଦକ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସମୁଦ୍ର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ




ପାରାଦୀପ,୮।୩(ସମିସ): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ୍ ପକ୍ଷରୁ ପାରାଦୀପ ସମୁଦ୍ରତଟରେ ୮୭ତମ ସମୁଦ୍ର କୂଳ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାଜରେ ନାରୀମାନଙ୍କର ଶକ୍ତି, ସମର୍ପଣ ଓ ସଫଳତାକୁ ସମ୍ମାନ ଜଣାଇବା ସହ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ବିଷୟରେ ସଚେତନତା ବଢାଇବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସଫେଇ ଅଭିଯାନରେ ଏନସିସି ଆଲୁମ୍ନି ଆଏସୋସିଏସନ୍ ସଦସ୍ୟମାନେ ସକ୍ରିୟଭାବେ ଯୋଗଦେଇ ସମୁଦ୍ରତଟରେ ପଡ଼ିଥିବା ପ୍ଲାଷ୍ଟିକ ଆବର୍ଜନା, ବୋତଲ ଓ ଅନ୍ୟାନ୍ୟ ଅପଚୟ ସାମଗ୍ରୀ ସଂଗ୍ରହ କରି ସଫା କରିଥିଲେ। ଏହା ମାଧ୍ୟମରେ ପରିବେଶ ସୁରକ୍ଷା ଓ ସାର୍ବଜନୀନ ସ୍ଥାନଗୁଡ଼ିକୁ ସଫା ରଖିବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା।ଏହି ଅବସରରେ ସମାଜର ସମସ୍ତ କ୍ଷେତ୍ରରେ ନାରୀମାନଙ୍କର ସାହସ, ନିଷ୍ଠା ଓ ଉପଲବ୍ଧିକୁ ଶ୍ରଦ୍ଧା ଜଣାଇ ତାଙ୍କୁ ସମ୍ମାନ, ସହଯୋଗ ଓ ସଶକ୍ତ କରିବାର ଆବଶ୍ୟକତା ଉପରେ ସଙ୍ଘର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ଜୋର ଦେଇଥିଲେ।ପାରାଦୀପ କଲେଜ ଏନସିସି ଆଲୁମନି ଏସୋସିଏସନ୍ ସଦା ସମୟରେ ପରିବେଶ ସୁରକ୍ଷା ଓ ସାମାଜିକ ସେବାର ଉଦ୍ଦେଶ୍ୟରେ ନିୟମିତ ଭାବେ ସମୁଦ୍ରତଟ ସଫେଇ ଅଭିଯାନ ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛି।

## ବଜେଟ୍ ସମ୍ପର୍କୀତ ଆଲୋଚନା

ଜଗତସିଂହପୁର,୮।୩(ସମିସ): ଚଳିତ ବର୍ଷର ରାଜ୍ୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜଗତସିଂହପୁରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଆଲୋଚନା କରିଛନ୍ତି। ସର୍କିଟ ହାଉସ ଠାରେ ଆୟୋଜିତ ଏହି ପ୍ରେସ୍ ମିଟରେ ମନ୍ତ୍ରୀ ଓ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବଜେଟ୍‌ର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ବିକାଶ ଓ ରାଜ୍ୟ ବଜେଟକୁ ନେଇ ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଓଡ଼ିଶାର ସଂସ୍କୃତି ଓ ପରମ୍ପରା ମହାନ୍ ଓ ଗରୀୟାନ୍

ଜଗତସିଂହପୁର,୮।୩(ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ଭକ୍ତି, ଶକ୍ତି ଓ ସଂସ୍କୃତି ଶୀର୍ଷକ ମାସିକ ଆଭାସୀ ପାଠଚକ୍ରର ୬୨ତମ ପ୍ରସଙ୍ଗ ଥିଲା ଓଡିଶାର ସଂସ୍କୃତି। ଜଗତସିଂହପୁର ଜିଲ୍ଲା ଶାଖାର ସଭାପତି ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ପାଠଚକ୍ରରେ ସଂଯୋଜନା କରିଥିଲେ ମୋ ଗାଁ ପୂର୍ବ ସଂଭାଗ (ପରିବେଶ) ଓଡ଼ିଶାର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି। ପ୍ରାରମ୍ଭରେ ଯୁଗ୍ମ ସଂପାଦିକା ଶିକ୍ଷାବିତ୍ ପ୍ରିୟତମା ସାହୁ ଓଁକାର ବନ୍ଦନାଗାନ କରିଥିବା ବେଳେ ଯୋଗାଯୋଗର ଅଧ୍ୟକ୍ଷ ଶିକ୍ଷକ ସାରଦା ପ୍ରସାଦ ମିଶ୍ର ବିବେକବାଣୀ ପାଠ କରିଥିଲେ। ଅନୁଗୁଳ ଜିଲ୍ଲା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ସତ୍ୟବ୍ରତ ପଣ୍ଡା ବରେଣ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। ଐତିହ୍ୟସମ୍ପନ୍ନ ଓଡିଶା ସମସ୍ତ ସଂସ୍କୃତିରେ ସନ୍ନିବେଶିତ ଏକ ମହାନ୍ ସଂସ୍କୃତି, ଯାହାର କୌଣସି ତୁଳନା ନାହିଁ ବୋଲି ଦର୍ଶାଇଥିଲେ। ଶେଷରେ ବିଚାରଧାରାର ଅଧ୍ୟକ୍ଷ ଲାଲା ସଂଗ୍ରାମ କେଶରୀ ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟା ସୌଭାଗ୍ୟ ମଞ୍ଜରୀ ମିଶ୍ର ଶାନ୍ତିପାଠ କରିଥିଲେ।

### ଜଗନ୍ନାଥ କଲୋନୀରେ ବମ୍ ପଡ଼ିବା ନେଇ ଆତଙ୍କ

# ଅଳିଆ ଗଦାରେ ବିସ୍ଫୋରଣ; ଘର ଭାଙ୍ଗିଲା, ଗାଈ ଆହତ

ପାରାଦୀପ,୮।୩(ସମିସ)

ଆଜି ସକାଳେ ଜଗନ୍ନାଥ କଲୋନୀ ନିକଟରେ ଏକ ବମ୍ ପଡିଥିବା ନେଇ ସାରା ବନ୍ଦର ସହରରେ ଆତଙ୍କ ଖେଳିଯାଇଥିଲା। ପରେ ଜଣାପଡିଥିଲା ଯେ ସେହି କଲୋନୀଠାରୁ କିଛି ଦୂରରେ କିଛି ସାମଗ୍ରୀକୁ ପୋଡ଼ିବା ପାଇଁ ରଖାଯାଇ ସେଥିରେ ନିଆଁ ଲଗାଯାଇଛି। ସେହି ସାମଗ୍ରୀ ଗୁଡିକ ଥିଲା ସିଗ୍ନାଲ ଫାୟାରିଂ ସେଟ୍। ଏହି ସେଟ୍ ଭିତରେ ଥିବା କପ୍ପର ତାରକୁ ବାହାର କରିବା ପାଇଁ ଏହାକୁ ପୋଡୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଅଗ୍ନି ସଂସ୍ପର୍ଶରେ ଆସି ଏଗୁଡ଼ିକ ଫୁଟିବା ଫଳରେ କେତେକ ଘରର ଆଜବେଷ୍ଟସ ଭାଙ୍ଗିଥିବା ବେଳେ ଗୋଟିଏ ଗାଈ ମଧ୍ୟ ଆହତ ହୋଇଛି।

ଏଭଳି ଘଟଣା ଘଟିଛି ପାରାଦୀପ ମଧୁବନ ସ୍ଥିତ ଜଗନ୍ନାଥ କଲୋନୀରେ। ଏହି ଘଟଣାକୁ ନେଇ କଲୋନୀବାସୀ ଆତଙ୍କିତ ହୋଇପଡିଛନ୍ତି। ସେମାନଙ୍କ କହିବା ଅନୁସାରେ ପାରାଦୀପ ବନ୍ଦରରେ ଲାଗୁଥିବା ଜାହାଜରୁ ଦୈନିକ ବିଭିନ୍ନ ବର୍ଜ୍ୟବସ୍ତୁ ଓ ଅଳିଆ ଗୁଡ଼ିକୁ ଡମ୍ପିଂୟାର୍ଡରେ ପକାଇ ଦିଆଯାଇଥାଏ। ଉକ୍ତ ଅଳିଆ ଗଦାରୁ ଜଗନ୍ନାଥ କଲୋନୀର କିଛି ଯୁବକ ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ଏହାକୁ କବାଡ଼ିଆ ଦୋକାନରେ ବିକ୍ରୟ କରିଥାନ୍ତି। ଉକ୍ତ ଅଳିଆ ଗଦାରୁ ସଂଗୃହୀତ



ପାଖାପାଖି ୫ଟି ସିଗ୍ନାଲ ଫାୟାରିଂ ସେଟ୍‌କୁ ସେମାନେ ଆଣି ସେଥିରୁ କପ୍ପର ତାର ବାହାର କରିବା ପାଇଁ ସେଥିରେ ନିଆଁ ଲଗାଇଥିଲେ। ମାତ୍ର ସେଗୁଡିକ ଗରମ ହେବା ପରେ ହଠାତ୍ ବମ୍ ଭଳି ସାଉଣ୍ଡ ହେବା ସହିତ ବିଭିନ୍ନ ଦିଗକୁ ଛିଟିକି ପଡ଼ିଥିଲା। ପ୍ରାୟ ପୋଡ଼ା ଯାଉଥିବା ସ୍ଥାନରୁ ୪ ଶହ ମିଟର ପର୍ଯ୍ୟନ୍ତ ଛିଟିକି ପଡିଥିଲା। ଏହା ଏତେ ଯୋରରେ ଫୁଟିଥିଲା ଯେ ଘରର ଆଜବେଷ୍ଟସ ମଧ୍ୟ ଭାଙ୍ଗି ଦେଇଥିଲା। ହଠାତ ଏଭଳି ଶବ୍ଦ ହେବାରୁ ସେମାନେ ଭୟଭୀତ ହେବା ସହ ଛାତି ଥରି ଉଠିଥିବା ନେଇ ଜଗନ୍ନାଥ କଲୋନୀର ଗୀତାଞ୍ଜଳି ହାଜିରା ଓ ମନୋରଞ୍ଜନ ହାଜିରା କହିଛନ୍ତି। ଘଟଣାକୁ ନେଇ କଲୋନୀ ଲୋକମାନେ ଭୟଭୀତ ହୋଇପଡିଥିବା ବେଳେ ଏ ସମ୍ପର୍କରେ ସ୍ଥାନୀୟ ଆଦର୍ଶ ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତେବେ ଏହି ଘଟଣାର ସଠିକ ତଦନ୍ତ କରାଯାଉ। ଏହାକୁ କିଏ ଆଣିଥିଲା ଏବଂ କାହିଁକି ଆଣିଥିଲା। ଅନ୍ୟ ପକ୍ଷରେ ଏହି ସେଟ୍‌ଟି ଯଦି ଛିଟିକି ପଡି ନିକଟରେ ଥିବା ଏନ୍‌ଆରଏଲ କମ୍ପାନୀର ତେଲ ଡିପୋରେ ପଡ଼ିଥାନ୍ତା କିମ୍ବା ନିକଟ ବସ୍ତିର କାହା ଘରେ ପଡ଼ିଥାନ୍ତା ତେବେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଏହା ପାଇଁ କିଏ ଦାୟୀ ରହିଥାନ୍ତା ବୋଲି ସ୍ଥାନୀୟ ବାସିନ୍ଦା ମାନେ ପ୍ରଶ୍ନ କରିଛନ୍ତି।

## ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ମହିଳା ଦିବସ



ପାରାଦୀପ,୮।୩(ସମିସ): ପାରାଦୀପର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଂଗଠନ ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ମହିଳା ଦିବସ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷା ଉର୍ମିଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସର୍ବଜୟା ଭାରତୀ, ମୁଖ୍ୟବକ୍ତା ଭାବେ ଡ. ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଭାବରେ ସୁରଜ ବେହେରା, ସମ୍ମାନିତ ଅତିଥି ଭାବେ ଚିନ୍ମୟୀ ମହାରଣା, ପ୍ରୀତି ଆରତୀ ପରିଜା, ସ୍ନେହମୟୀ ଆଚାର୍ଯ୍ୟ ଓ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ପ୍ରଶାନ୍ତ କୁମାର ରାଉତ, ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ ସମ୍ପାଦିକା ନିଳିମା ପ୍ରିୟଦର୍ଶିନୀ, ମଞ୍ଚ ପରିଚାଳନା କରିଥିଲେ ଟ୍ରଷ୍ଟର କାର୍ଯ୍ୟକାରୀ ଅଧ୍ୟକ୍ଷା ସଂଘମିତ୍ରା ସ୍ୱାଇଁ। ଏହି ଉତ୍ସବରେ ଆଦର୍ଶ ସଙ୍ଗଠନ ଭାବେ ଜ୍ୟୋତି ଲେଡିଜ କ୍ଲବ ଇଫ୍‌କୋ, ଭରଷା ଚାରିଟେବୁଲ ଟ୍ରଷ୍ଟ, ନିଆଳି, କଟକ, ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ, କୁଜଙ୍ଗ ଏବଂ ବିନୋରି ସେବା ଫାଉଣ୍ଡେସନ, କୁଜଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବରିଷ୍ଠ କବି ଓ ସଂଗଠିକା ଗୋଲାପରାଣୀ ସାହୁ, ଅଲମ୍ପିକ ପଦକ ବିଜେତା ମହିଳା କ୍ରୀଡ଼ାବିତ ଲୋମା ସ୍ୱାଇଁ, ଓଡିଶୀ ନୃତ୍ୟ ଶିଳ୍ପୀ ଇତିଶ୍ରୀ ନାୟକ, ମେଧାବୀ ଡାକ୍ତରୀ ଛାତ୍ରୀ ମନୀଷା ଧଳ, କଣ୍ଠଶିଳ୍ପୀ ଆକାଂକ୍ଷା ମହାନ୍ତ, ସମାଜସେବୀ ପ୍ରଭାତ କୁମାର ରାଉତ, ପ୍ରଭାତ କୁମାର ବେହେରା (ବାବୁନା) ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି, ରଶ୍ମିତା ନାୟକ ଏବଂ କଳାକାର କସ୍ତୁରୀ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଅନ୍ନପୂର୍ଣ୍ଣା ନାୟକ। ଉତ୍ସବ ପରିଚାଳନା କରିଥିଲେ ସୁଚରିତ ପ୍ରିୟଦର୍ଶିନୀ ପଣ୍ଡା, ସାବିତ୍ରୀ ପଣ୍ଡା, ବାସନ୍ତୀ ମୁଦୁଲି, କଳ୍ପନା ବେହେରା, ବାସୁକା ମଲ୍ଲିକ, ପ୍ରତିମା ସାହୁ, ଲିପିକା ସାହୁ, ପୁଷ୍ପାଞ୍ଜଳି ମିଶ୍ର, ପ୍ରେମଲତା ବାରିକ, ନମିତା ରାଉତ, ବିଜୟ ଲକ୍ଷ୍ମୀ ପରିଜା, ସରସ୍ୱତୀ ବାରିକ।

## ନାଉଗାଁ ହାଟ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ସମ୍ମିଳନୀ

ନାଉଗାଁ,୮।୩(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଞ୍ଚାୟତ ସ୍ଥିତ ସାଧୁ ଗୋସ୍ୱାମୀଙ୍କ ପୀଠରେ ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟର ୧୯୮୬ ମସିହା ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଛାତ୍ର ସମରକାନ୍ତ ମହାନ୍ତି ଏବଂ ନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ପରେ ପ୍ରଥମ କରି ଏହି ସମ୍ମିଳନୀ ଅନୁଷ୍ଠିତ ହେଉଥିବା ବେଳେ ୫୦ରୁ ୬୦ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ। ଦୀର୍ଘ ୪୦ ବର୍ଷ ପରେ ଗୋଟିଏ ଯାଗାରେ ଏକତ୍ରିତ ହୋଇ ନିଜର ପୁରୁଣା ଦିନର ଅନୁଭୁତିକୁ ବଖାଣିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଅଜୟ ମୁଦୁଲି, ବୈଷ୍ଣବ ରାଉଳ, ପ୍ରଶାନ୍ତ ନାୟକ, ଦୁର୍ଯୋଧନ ନାୟକ, ସୁଶାନ୍ତ ମହାନ୍ତି, ରମେଶ ଦାସ, ଭଗବାନ ଜେନା, ବସନ୍ତ ପରିଡା, ସୁକାନ୍ତ ପରିଡା, ପ୍ରମୋଦ ନାୟକ, ସଞ୍ଜୟ ମହାନ୍ତି, ଖିରେଦ ବେହେରା, ଜଗଦିଶ ଦାସ, ରଶ୍ମିରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ।

## ପ୍ରବୋଧନ ପ୍ରଶିକ୍ଷଣ ତାଲିମ ଉଦ୍‌ଯାପିତ



ପାରାଦୀପ,୮।୩(ସମିସ): ପାରାଦୀପଗଡ଼ କ୍ଲଷ୍ଟରର ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନୂଆଗଡ ପରିସରରେ ୫ ଦିନିଆ ପ୍ରବୋଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାରାଦୀପଗଡ଼ ଓ ପାରାଦୀପ ସଞ୍ଜୟ ଗାନ୍ଧୀ କ୍ଲଷ୍ଟରର ପ୍ରାୟ ୫୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଓ ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ ଅନୁସାରେ ଆସନ୍ତା ଶିକ୍ଷା ବର୍ଷରୁ ୫-୫ଖଣ୍ଡ ନୂତନ ପାଠ୍ୟ ପୁସ୍ତକ ପ୍ରଚଳନ କରାଯିବା ପାଇଁ ପ୍ରବୋଧନ ତାଲିମରେ ରାଜ୍ୟସ୍ତରରେ ପ୍ରଶିକ୍ଷଣ ନେଇଥିବା ବରିଷ୍ଠ ପ୍ରଶିକ୍ଷକ ସୁବାସ ସେନାପତି, ବ୍ଲକ୍ ପ୍ରଶିକ୍ଷକ ସର୍ବେଶ୍ୱର ସେଠୀ, ଅନୁନୟ ସାମଲ ଓ ସୁମିତ୍ରା ପାଣିଗ୍ରାହୀ ପ୍ରମୁଖ ତାଲିମ ଦେଇଥିଲେ। ପାରାଦୀପଗଡ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସମୀର କୁମାର ଓଝାଙ୍କ ଆୟୋଜନରେ ପ୍ରାରମ୍ଭରୁ କୁଜଙ୍ଗ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ମଙ୍ଗରାଜ ମୁଖ୍ୟଅତିଥି ଓ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା ଓ ପାରାଦୀପର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁକାନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ବିଦ୍ୟାଳୟ ସ୍ତରରେ କିପରି ଉପଯୋଗ କରାଯାଇପାରିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା କଥା କହିଥିଲେ। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ନୂଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଅସହାୟ ପରିବାରଙ୍କୁ ରାସନ୍ ସାମଗ୍ରୀ ପ୍ରଦାନ



ତିର୍ତ୍ତୋଲ, ୮।୩(ସ ମିସ): ରମଜାନ ଉପଲକ୍ଷେ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ବିସନପୁର ପଞ୍ଚାୟତ ନଦାମହଲା ଠାରେ ପାରାଦୀପ ପରିବହନ ଲିମିଟେଡ (ପିପିଏଲ)ର ଖାନ୍ ଫାଉଣ୍ଡେସନ ପକ୍ଷରୁ ବିସନପୁର ଓ କୃଷ୍ଣାନନ୍ଦପୁର ଅଞ୍ଚଳର ଅସହାୟ ପରିବାରକୁ ରାସନ୍ ସାମଗ୍ରୀ ପ୍ୟାକେଟ ପ୍ରଦାନ କରାଯାଇଛି। ପାରାଦୀପ ପରିବହନ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଖଲିଦ ଖାନ, ନିର୍ଦ୍ଦେଶକ ପ୍ରଭାତ କୁମାର ନନ୍ଦୀ, ଜିଏମ୍ ଶେଖ ଆଜମ ଅଲ୍ଲୀ, ସିଓଓ ଫଇସଲ ଖାନ, ମହମ୍ମଦ ଫଜଲ୍, ଅମିୟ ଦାସ ପ୍ରମୁଖ ଯୋଗଦେଇ ୨୦୦ରୁ ଊର୍ଦ୍ଧ୍ୱ ଅସହାୟ ଗରିବ ପରିବାରକୁ ରାସନ୍ ସାମଗ୍ରୀ ପ୍ୟାକେଟ ପ୍ରଦାନ କରିଥିଲେ।

## ସାକ୍ଷରତା ସମିତି ପକ୍ଷରୁ ମହିଳା ଦିବସ




ପାରାଦୀପ,୮।୩(ସମିସ): ପାରାଦୀପ ବନ୍ଦର ପ୍ରାଧିକରଣର ସାମାଜିକ ସଙ୍ଗଠନ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ରବିବାର ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ମହିଳାମାନଙ୍କ ଶିକ୍ଷିତ କରିବା, କନ୍ୟାରତ୍ନମାନଙ୍କୁ ଯୋଗ୍ୟ କରିବା ଆଦି ବିଷୟବସ୍ତୁକୁ ଗୁରୁତ୍ୱ ଦେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏସି ସାହୁ, ବନ୍ଦର ସଚିବ ବାପୁ ରାଜୁ ଜି, ମୁଖ୍ୟ ଅର୍ଥ ପରାମର୍ଶଦାତା ଏକେ ସାହୁଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ସାକ୍ଷରତା ସମିତି ପରିଚାଳନା ସମିତିର ପୂର୍ବତନ ସଦସ୍ୟା ସ୍ୱର୍ଣ୍ଣ ମିଶ୍ର ଏବଂ ସବିତା ମିଶ୍ର ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସମିତିର ଉପାଧ୍ୟକ୍ଷ ଏକେ ସାହୁ। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥଲେ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଓ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳା ଦିବସ ଓ ସୁଭଦ୍ରା ଯୋଜନା ପ୍ରଦାନ ଉତ୍ସବ

# ଜଗତସିଂହପୁରରୁ ପାଇଲେ ୨,୮୧,୦୫୫ ହିତାଧିକାରୀ

ଜଗତସିଂହପୁର,୮।୩(ସମିସ)



ଆଜି ଆନ୍ତର୍ଜାତୀୟ ମହିଳା ଦିବସରେ ପୁରୀ ତାଳବଣିଆଠାରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସୁଭଦ୍ରା କିସ୍ତି ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ସଭାପତିତ୍ୱରେ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସଭାରେ ଉପସ୍ଥିତ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଏବଂ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ନିର୍ବାହୀ ଅଧିକାରୀ ପୌର ପରିଷଦ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀଚି ତନୟା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଆଜି ଜଗତସିଂହପୁର ଜିଲ୍ଲାରୁ ସର୍ବମୋଟ ୨,୮୧,୦୫୫ ଜଣ ହିତାଧିକାରୀ ଚତୁର୍ଥ କିସ୍ତିର ଟଙ୍କା ନିଜ ବ୍ୟାଙ୍କ୍ ଖାତାରେ ପାଇଥିଲେ। ଏହି ଅବସରରେ ଜିଲ୍ଲା ମହିଳା ଏବଂ ଶିଶୁବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ୫୨ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ଓ ହେଲପରମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ କର୍ମୀମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା।

# ମହିଳା ଦିବସ ପାଳନ କଲେ ଦୁଇ ସଂଗଠନ




ପାରାଦୀପ,୮।୩(ସମିସ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପାରାଦୀପରେ ଦେଖିବାକୁ ମିଳିଛି ବିଶାଳ ମହିଳା ଶୋଭାଯାତ୍ରା। ଆଦିବାସୀ ସମ୍ପ୍ରଦାୟଙ୍କ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସାଥିରେ ମହିଳାମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବ ଉପକୂଳ ପ୍ରଗତିଶୀଳ ମହିଳା ଟ୍ରଷ୍ଟ ଓ ସଂପର୍କ ସ୍ୱେଚ୍ଛାସେବୀ ସଂଗଠନର ମହିଳାମାନେ ଏହି ବିଶାଳ ଶୋଭାଯାତ୍ରାରେ ତାରିଣୀ ଗଡା ତାରିଣୀମନ୍ଦିର ନିକଟରୁ ଶୋଭାଯାତ୍ରା ଆରମ୍ଭ କରି ବାଲିଝରା ବସ୍ତି ପରିକ୍ରମା କରିବା ସହିତ ପିପିଏଲ ଛକ ରତ୍ନମାଳି ଜେମା କଲୋନୀରେ ପହଞ୍ଚିଥିଲେ। ପରେ ଆନ୍ତର୍ଜାତୀୟ ମହିଳା ଦିବସର ପତାକା ଉତ୍ତୋଳନ କରିଥିଲେ ଟ୍ରଷ୍ଟର ଆବାହକ ଆଡ୍‌ଭୋକେଟ ଦେବବ୍ରତ ସାହୁ। ଏହି ଅବସରରେ ଟ୍ରଷ୍ଟ ତରଫରୁ ଏହି ରତ୍ନମାଳି ଜେମା କଲୋନୀରେ ପାନୀୟ ଜଳ, ରାସ୍ତା ଓ ବିଦ୍ୟୁତ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ସହିତ ପାରାଦୀପ ତାରିଣୀଗଡା ଖୁଣ୍ଟିଆ ଭବନରେ ଘଟିଯାଇଥିବା ବହୁ ଚର୍ଚ୍ଚିତ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡାଙ୍କ ସହିତ ସଂଗଠନର ଉପଦେଷ୍ଟା ଉଜ୍ଜଳ ଗୋଲଦାର, ଆଶୁତୋଷ ସ୍ୱାଇଁ ଓ ଅମରେଶ୍ୱର ଜେନା ସହଯୋଗ କରିଥିଲେ। ଏହା ସହିତ ବିଜେଡିର ଆଗଧାଡ଼ିର ଶହ ଶହ ସଂଖ୍ୟାରେ ମହିଳା ମଧ୍ୟ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ ନମ୍ବର ଓ ୬ ନମ୍ବର ୱାର୍ଡର ହଜାରରୁ ଊର୍ଦ୍ଧ୍ୱ ମହିଳା ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇ ନାରୀ ସମାଜକୁ ସୁଦୃଢ କରିବାକୁ ଶପଥ ନେଇଥିଲେ।

## ବାଜିରାଉତଙ୍କ ବାଲୁକା ମୂର୍ତ୍ତି ଭାଙ୍ଗିଲା କୁକୁର

ଗଁଦିଆ,୮ ।୩(ସମିସ): ଭାରତର ସର୍ବକନିଷ୍ଠ ସହିଦ ବୀର ବାଜିରାଉତଙ୍କୁ କାମାକ୍ଷାନଗର ଉପଖଣ୍ଡ ପ୍ରଶାସନ ତରଫରୁ ଅସମ୍ମାନ । ପ୍ରଶାସନ ଦ୍ୱାରା ଆୟୋଜିତ ବସନ୍ତ ମହୋତ୍ସବରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଚିତ୍ର । ସାରଙ୍ଗଧର ଷ୍ଟାଡିୟମରେ ଆୟୋଜିତ ମହୋତ୍ସବ ଅବସରରେ ଷ୍ଟାଡିୟମ ପରିସରରେ ବୀର ବାଜିରାଉତଙ୍କ ବାଲୁକା ମୂର୍ତ୍ତି ନିର୍ମାଣ କରାଯାଇଥିଲା । ମାତ୍ର ଆୟୋଜକଙ୍କ ଅବହେଳା ଓ ମୂର୍ତ୍ତିର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଯାଇ ନ ଥିବାରୁ ପ୍ରତିମୂର୍ତ୍ତି ଉପରେ ବୁଲା କୁକୁର ଚଢ଼ିବା ସହ ପରିସ୍ରା କରି ତାହାକୁ ଭାଙ୍ଗିଦେଇଛି । ଏ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବାଜିରାଉତ ସ୍ମୃତି ପରିଷଦ ସଭାପତି କୋଦଣ୍ଡଧର ସାହୁଙ୍କ ସମେତ ବାଜିରାଉତ ମାଟିର ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ଏଭଳି କାର୍ଯ୍ୟ ପ୍ରତି ପ୍ରଶାସନ ସଜାଗ ରହିବାକୁ ଅନୁରୋଧ କରିଛନ୍ତି ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ



ଓଡ଼ାପଡ଼ା,୮ ।୩(ସମିସ): କଣ୍ଟାବଣିଆ ଥାନା ମଙ୍ଗଳପୁର ଗ୍ରାମରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗ୍ରାମ ଉପରସାହିର ନାରାୟଣ ଦେଓଙ୍କ ପୁଅ ସୁନୀଲ କୁମାର ଦେଓ (୨୮) । ଅପରାହ୍ନ ପ୍ରାୟ ୨ଟାରେ ସନୀଲ ନଦୀକୁ ଗାଧୋଇବାକୁ ଯାଇଥିଲେ । ତେବେ ଗୋଡ଼ ଖସିଯିବାରୁ ଗଭୀର ପାଣିକୁ ଭାସିଯାଇଥିଲେ । କଣ୍ଟାବଣିଆ ଥାନାଧିକାରିଣୀ ତୁଳସୀ ମଞ୍ଜରୀ ଭୁୟାଁ ଓ ବଁଅରପାଳ ଅଗ୍ନିଶମ ବାହିନୀ ପହଞ୍ଚି ସୁନୀଲଙ୍କୁ ଉଦ୍ଧାର କରି ଅନୁଗୋଳ ଡାକ୍ତରଖାନା ପଠାଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ



ଢେଙ୍କାନାଳ,୮ ।୩(ସମିସ): ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ ଜୁଆଙ୍ଗ ସାହିର ଗୁରୁବାରି ପଧାନଙ୍କ ସ୍ତ୍ରୀ ସୁଷମା ପଧାନଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି । ଶନିବାର ସାଂସଦ ରୁଦ୍ରନାରାୟଣ ପାଣି ମୃତକଙ୍କ ପରିବାରକୁ ଭେଟିବା ସହ ସମବେଦନା ଜଣାଇଛନ୍ତି । ଏଥିସହ କିଛି ଆର୍ଥିକ ସହାୟତା ପ୍ରଦାନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ବନ ବିଭାଗ ଅଧିକାରୀଙ୍କ ସହ ଅଲୋଚନା କରିଛନ୍ତି । ଏହି ଅବସରରେ ସେଠାରେ ଉପସ୍ଥିତ କେତେଜଣ ଅବହେଳିତ ବ୍ୟକ୍ତି ନିଜ ଅଭାବ ଅସୁବିଧା ସମ୍ପର୍କରେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗ ଶୁଣି ସେ ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିଥିଲେ । ପାନୀୟ ଜଳ ସମସ୍ୟା, ଆଲୋକୀକରଣ ବ୍ୟବସ୍ଥା ସମ୍ପର୍କରେ ଗ୍ରାମବାସୀ ସାଂସଦଙ୍କ ସହ ଆଲୋଚନା କରିଥିଲେ । ସେଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ସହ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଶାନ୍ତ ପତି, ଉପ ସଭାପତି ସହଦେବ ପୃଷ୍ଟି, ଉପସଭାନେତ୍ରୀ ଇତିଶ୍ରୀ ସାହୁ, ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ମଣ୍ଡଳ ସଭାପତି ଜୋତିରଞ୍ଜନ ଜେନାଙ୍କ ସମେତ ସନ୍ତୋଷ ନାଏକ, ରଣଜିତ ନାୟକ, ଜ୍ୟୋତିଶଙ୍କର ନାୟକ, ବିଭୂତି ସାହୁ, ରଣଜିତ ରାଉତ, ଗଦାଧର ସାହୁ, ଚନ୍ଦନ ସାହୁ, ମୋତିଲାଲ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟ ସଚେତନତା ଶିବିର




ଢେଙ୍କାନାଳ,୮ ।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଯୋଗ ଅଧିବେଶନ, ସ୍ୱାସ୍ଥ୍ୟ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି । ଏହି ପରିପ୍ରେକ୍ଷୀରେ ୫୦୦ ମହିଳା ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଙ୍କୁ ନେଇ ଢେଙ୍କାନାଳ ମିନି ଷ୍ଟାଡିଅମରୁ ସହର ମଧ୍ୟରେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ପୌରାଧକ୍ଷା ଜୟନ୍ତୀ ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଏଏସ୍‌ପି ନିରଞ୍ଜନ ପାଢ଼ୀ, ଡିଏସ୍‌ପି ସନ୍ଧ୍ୟାରାଣୀ ବେହେରା, ଲଳିତା ମୋଦି, ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଶେଫାଳି ପ୍ରିୟଦର୍ଶିନୀ, ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ ହକିରେ କୃତିତ୍ୱ ଅର୍ଜନ କରିଥିବା ମହିଳା କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଭିନ୍ନ ସ୍ଥାନରେ ବିଶ୍ୱ ମହିଳା ଦିବସ ପାଳିତ





କାମାକ୍ଷାନଗର,୮ ।୩(ସମିସ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ଦ୍ୱାରା କାମାକ୍ଷାନଗର ବ୍ଲକ୍ ମହୁଲପାଳ ପଞ୍ଚାୟତ ସଭାଗୃହରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି । ଏଥିରେ ପଞ୍ଚାୟତର ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ । ଆଇନା ଦ୍ୱାରା ବିଭିନ୍ନ ତାଲିମ୍ ନେଇ ସ୍ୱାବଲମ୍ବୀ ହୋଇଥିବା କିଛି ମହିଳା ତାଙ୍କ ଜୀବନରେ ହୋଇଥିବା ପରିବର୍ତ୍ତନ ବିଷୟରେ ଅବଗତ କରିଥିଲେ । ପଞ୍ଚାୟତ ସ୍ତରରେ ମହିଳାମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ୬ ମହିଳାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଆଇନାର କ୍ଷେତ୍ର ପରିଚାଳକ ବିଶ୍ୱରଞ୍ଜନ ବେହେରା, ପ୍ରକଳ୍ପ ସଂଯୋଜିକା ସଙ୍ଗୀତା ଦାସ, ସମାଜସେବୀ ପଲ୍ଲୀଶ୍ରୀ ଷଣ୍ଢ, ତାଲିମ୍ ଅଧିକାରିଣୀ ଭାନୁମତୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଇନାର କର୍ମକର୍ତ୍ତା ଜୟନ୍ତ, ଲଳିତ, ଚିତ୍ତ ସବ୍ୟସଚୀ, ଦୀପା, ଗୋବିନ୍ଦ, ଚନ୍ଦ୍ର, ବିଷ୍ଣୁପ୍ରିୟା, କୁନି, ଜ୍ଞାନ, ରମା ପ୍ରମୁଖ ସହଯୋଗ କରିଥିଲେ

**ଗଁଦିଆ:** ଗଁଦିଆ ବ୍ଲକ ମଠତେନ୍ତୁଳିଆ ପଞ୍ଚାୟତ ମୁଣ୍ଡମାରି ଗ୍ରାମରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି । ମଠତେନ୍ତୁଳିଆ ସରପଞ୍ଚ ମାନଭଞ୍ଜନ ମହାନ୍ତି, ଏଫଇଏସ ମାଷ୍ଟର ଟ୍ରେନର ଶୁଭ୍ରଜିତ ସାହୁ, ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ସହାୟକ ପ୍ରାଯୁକ୍ତିକ ପ୍ରବନ୍ଧକ ସଚ୍ଚିଦାନନ୍ଦ ସାହୁ, ଅଗ୍ରଣୀ ମହିଳା ଚାଷୀ ଭଗବତୀ ସାହୁ, ଶୋଭାଗିନୀ ସାହୁ, ଗ୍ରାମ ସଭାପତି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ମହିଳାମାନଙ୍କ ସଶକ୍ତୀକରଣ ଓ ସମାଜ ଗଠନରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ ।

**ଢେଙ୍କାନାଳ:** ଢେଙ୍କାନାଳ ସଦର ବ୍ଲକ ନାଗିଆପସୀ ପଞ୍ଚାୟତରେ ବିଶ୍ୱ ଯୁବକେନ୍ଦ୍ର, ଫଂସା ଓ ଆଇଆଇଓଆଇଡି ଭୁବନେଶ୍ୱର ତରଫରୁ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି । ନାଏବ ସରପଞ୍ଚ ସୁଷମା ରାଉତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସ୍ୱେଚ୍ଛାସେବୀ ସଂଗଠନ ଆଶୀର୍ବାଦର ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ବିକାଶ, ଘରୋଇ ହିଂସାର ପ୍ରତିରୋଧ, ବାଲ୍ୟ ବିବାହ, କନ୍ୟାଭ୍ରୂଣ ହତ୍ୟାକୁ ସମ୍ପୂର୍ଣ୍ଣ ପ୍ରତିରୋଧ ଆଦି ବିଷୟରେ ଆଲୋଚନା କରିଥିଲେ । ନାଗିଆପସୀ ପଞ୍ଚାୟତସ୍ତରୀୟ ମହାସଂଘ ସଭାନେତ୍ରୀ ମାନିନୀ ସେଠୀ, କାର୍ଯ୍ୟକାରିଣୀ ସଭ୍ୟା ସୁଭଦ୍ରା ସ୍ୱାଇଁ, ଝିଲି ସାମଲ, ସୌଦାମିନୀ ମହାନ୍ତି ଓ ବିନୋଦିନୀ ଦେହୁରୀ ମଞ୍ଚାସୀନ ଥିଲେ । ପୂର୍ବତନ ସରପଞ୍ଚ ପ୍ରଦୀପ ପରିଡ଼ା ସହଯୋଗ କରିଥିଲେ । ଆଶୀର୍ବାଦର ଉପସଭାପତି ବନଜା ମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

**ଢେଙ୍କାନାଳ:** ସ୍ୱେଚ୍ଛାସେବୀ ସଂଗଠନ "ପ୍ରିୟ' ଓ ମାଇଁ ଭାରତ ମିଳିତ ସହଯୋଗରେ ଲାଉଲଇଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି । ମହିଳା ସଂଯୋଜିକା ଇଲନପ୍ରଭା ସେନାପତି ମୁଖ୍ୟଅତଥି ଭାବେ ଯୋଗଦେଇ ମହିଳାମାନଙ୍କ ଅଧିକାର ବିଷୟରେ ବୁଝାଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା ।

**ଢେଙ୍କାନାଳ:** ସ୍ଥାନୀୟ ଏକ ହୋଟେଲ୍‌ରେ ଇଣ୍ଡିଆନ ଫେଡେରେସନ୍ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଇଫୁନା) ଓ ଉତ୍କଳ ଫେଡେରେସନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ (ଉଫୁନା) ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି । ଇଫୁନାର ମହାସଚିବ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ । ଇଫୁନାର ଜାତୀୟ ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ରୂପେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ମାମତାଞ୍ଜଳି ବେହେରା, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଡ. ମାନସୀ କର ପ୍ରମୁଖ ଯୋଗଦେଇ ମହିଳାମାନେ ଶିକ୍ଷିତ ହେଲେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର, ଶତରୂପା ମିଶ୍ର, ନିରୁପମା ଦାସ, ସମାଜସେବୀ ସରୋଜ ଶତପଥୀ, ପରିବେଶବିତ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ ।

**ଢେଙ୍କାନାଳ:** ଏସବିଆଇ ସଞ୍ଜୀବନୀ କ୍ଲିନିକ୍ ଅନ୍ ହୁଇଲ୍ସ ତରଫରୁ ମହିଳା ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଚେୟାରମେନ ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅଲୋକ ଚନ୍ଦ୍ର ମହାନ୍ତି, ଡା. ସୁଧାଂଶୁବାଳା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ଫାର୍ମାସିଷ୍ଟ ପ୍ରତାପକୁମାର ଶୁକ୍ଲା, ଷ୍ଟାଫ୍‌ନର୍ସ ସୁଭଦ୍ରା ବେହେରା, ଏଲଟି ରାଜକିଶୋର ମୁର୍ମୁ ଓ ବିନୋଦ ମଲ୍ଲିକ ସହଯୋଗ କରିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଉପସ୍ଥିତ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

**ଓଡ଼ାପଡ଼ା:** ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ଜିଲ୍ଲାର ବିଭିନ୍ନ ପଦବୀରେ ଥିବା ମହିଳା ଅଧିକାରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରାଯାଇଛି । ଓଡ଼ାପଡ଼ା ଓ ହିନ୍ଦୋଳ ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠାନ ତରଫରୁ ସଚେତନତା ମୂଳକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ୱାର୍ଡ ମେମ୍ବର ଓ ଗ୍ରାମର ମହିଳାମାନେ ଯୋଗଦେଇଥିଲେ । ବିଶ୍ୱ



ଯୁବକେନ୍ଦ୍ରର କାଉନସିଲର ମନସ୍ୱିତା ନାୟକ ସମାଜରେ ମହିଳାମାନଙ୍କ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରକଳ୍ପ ସହାୟିକା କୁମୁଦିନୀ ସ୍ୱାଇଁ, ଜୁଲି ସ୍ୱାଇଁ, ବିଦୁଲତା ଭଞ୍ଜ ସହଯୋଗ କରିଥିଲେ ।









## ଲକ୍ଷ୍ମୀବଜାର ମହ୍ଲାସାହିରେ ଅଷ୍ଟପ୍ରହର ନାମଯଜ୍ଞ



ଢେଙ୍କାନାଳ,୮ ।୩(ସମିସ): ସ୍ଥାନୀୟ ଲକ୍ଷ୍ମୀବଜାର ମହ୍ଲାସାହିରେ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଭାଗୀରଥୀ ସାଗର କୂଳରେ ପୂଜାର୍ଚ୍ଚନା କରାଯାଇ ଜଳ ଉଠାଣ ପରେ କୁଞ୍ଜରେ ସ୍ଥାପନ କରାଯାଇଥିଲା । ପରେ ଅଧିବାସ ପୂଜା ଓ ଅଖଣ୍ଡଦୀପ ସ୍ଥାପନ କରାଯାଇଥିଲା । ରବିବାର ନାମଯଜ୍ଞ ଓ ସୋମବାର ଦିନ ନଗରକୀର୍ତ୍ତନ, ନାମ ସମାପନ, ଦଧିହାଣ୍ଡି ଭଙ୍ଗ ଓ ପ୍ରସାଦସେବନ ଅନୁଷ୍ଠିତ ହେବ । ଶନି ମନ୍ଦିର ପୂଜକ ସୁଶା ଭାଇନା, ପୁରୀ ରାଧାମାଧବ ଆଶ୍ରମର ଭଗବାନ ଦାଶ, ଅଷ୍ଟପ୍ରହର ପୂଜକ ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ପୂଜାକାର୍ଯ୍ୟ କରୁଛନ୍ତି । ପ୍ରଦୀପ କୁମାର ବେହେରା, ବସନ୍ତ ବେହେରା, ପ୍ରଦୀପ ବେହେରା, ପ୍ରଦୀପ ସେଠୀ, ବିଘ୍ନରାଜ ଷେଣ୍ଟ, ଆଦିତ୍ୟ ସେଠୀ, ସନ୍ତୋଷ ବେହେରା, ରୁଦ୍ରନାରାୟଣ ବେହେରା, ଲିଟୁନ କୁମାର ସାହୁ, ସତ୍ୟପ୍ରକାଶ ବେହେରା, ଆଶିଷ କୁମାର ମହାଖୁଡ, ବାବୁଲି ଦଳେଇ ଓ ପଙ୍କଜ ସେଠୀଙ୍କ ସମେତ ଶ୍ରୀ ଶ୍ରୀ ଶନିଶ୍ଚର କୀର୍ତ୍ତନ ମଣ୍ଡଳୀର ସଭ୍ୟମାନେ ସହଯୋଗ କରୁଛନ୍ତି ।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଁଦିଆ,୮ ।୩(ସମିସ): ସ୍ଥାନୀୟ ଭଗବାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ସହକାରୀ ଶିକ୍ଷକ ଜୟକୃଷ୍ଣ ସେନାପତି ଚାକିରିରୁ ଅବସର ନେଇଥିବା ବେଳେ ସ୍କୁଲ ପରିସରରେ ତାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ଷଡ଼ଙ୍ଗୀ ଏଥିରେ ସଭାପତିତ୍ୱ କରି ସହକାରୀ ଶିକ୍ଷକ ସେନାପତି ଜଣେ ସରଳ, ଛାତ୍ରବତ୍ସଳ ଶିକ୍ଷକ ସହ ଅନେକ ସୁଗୁଣର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଦୀନବନ୍ଧୁ ପୋଇ, ଶିକ୍ଷୟିତ୍ରୀ ସୁକାନ୍ତି ସାହୁ, ନନ୍ଦିନୀ ସାହୁ, ନିଲମ ଯସ୍ମିନ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ଦୀନବନ୍ଧୁ ପୋଇ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## କଲଣ୍ଡା ଗୁଡ଼ିସାହିରେ ତ୍ରିନାଥ ମେଳା



ଖଜୁରିଆକଟା,୮ ।୩(ସମିସ): ହିନ୍ଦୋଳ ଉପଖଣ୍ଡ ଗୁଳେହୀ ପଞ୍ଚାୟତ କଲାଣ୍ଡା ଗୁଡ଼ି ସାହିରେ ବାର୍ଷିକ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଛି । ପ୍ରତ୍ୟୁଷରୁ ଗ୍ରାମର ଶ୍ରଦ୍ଧାଳୁ ମହିଳାମାନେ ନଗର କୀର୍ତ୍ତନ ମାଧ୍ୟମରେ ଗ୍ରାମ ପୁଷ୍କରିଣୀରୁ ଜଳ ପୂର୍ଣ୍ଣ କଳସୀ ଆଣି ମେଳା ଆସ୍ଥାନ ଠାରେ ରଖିବା ପରେ କର୍ତ୍ତା ମକରା ସାହୁଙ୍କ ଉପସ୍ଥିତିରେ ଗ୍ରାମର ନିତ୍ୟ ପୂଜକ ବିଭୂତି ଭୂଷଣ ପାଳ ପୂଜାର୍ଚ୍ଚନା କରିବା ସହ ବିଶ୍ୱର କଲ୍ୟାଣ ନିମନ୍ତେ ଯଜ୍ଞରେ ଘୃତ ସମର୍ପଣ କରିଥିଲେ । ପରେ ଗ୍ରାମବାସୀଙ୍କ ସମେତ ଉପସ୍ଥିତ ଶ୍ରଦ୍ଧାଳୁ ମାନେ ସାମୁହିକ ଆନନ୍ଦ ବଜାରରେ ସାମିଲ ହୋଇଥିଲେ । ଏହାପରେ ଗୁଡ଼ି ସାହି ସମେତ ବଙ୍ଗୁ, ସାନହିନ୍ଦୋଳ, ଗୁଳେହୀ, ପଡ଼ା, ବାରିହା ରଗଡି, ବେଲ ଗାଡିଆ, ବୁରୁଗି ଭୂଇଁ, ପାଟଲା ପ୍ରଭୃତି ୧୨ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ରାତିସାରା ହରିନାମ ପରିବେଷଣ କରିଥିଲେ । ସଙ୍କୀର୍ତ୍ତନ ମଣ୍ଡଳୀକୁ ମଙ୍ଗରାଜ ପ୍ରଧାନ ପରିଚାଳନା କରିଥିଲେ । ଗ୍ରାମ କମିଟିର ସଭାପତି ପାହୁ ମହାଳିକ, ସମ୍ପାଦକ ଲିଟୁ ଦାସ, ନବ କିଶୋର ପ୍ରଧାନ, ହଗୁରୁ ସାହୁ, ନିରୋଦ ପ୍ରଧାନ, କିଶା ସାହୁ ବିଭିନ୍ନ ଦାୟିତ୍ୱ ନେଇ ଉତ୍ସବକୁ ସଫଳ କରିଥିଲେ । ସରପଞ୍ଚ ରିତା ସାହୁ, ସମିତି ସଭ୍ୟ ପ୍ରଭାତୀ ବିଶ୍ୱାଳ, ବିମଳ ବିଶ୍ୱାଳ, ଦିବାକର ଦେହୁରୀ ପ୍ରମୁଖ ଯୋଗଦେଇ ଗ୍ରାମବାସୀ ମାନଙ୍କୁ ଉତ୍ସାହିତ କରିଥିଲେ ।

## ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ



ଢେଙ୍କାନାଳ,୮ ।୩(ସମିସ): ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ କେନ୍ଦ୍ରରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଣ୍ଟନ ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା କୁମାରୀ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପୁରୀରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଲାଇଭ ଷ୍ଟ୍ରିମିଂ ଆର୍ଟ ଏବଂ କ୍ରାଫ୍ଟ ସେଣ୍ଟର ଅଡିଟୋରିଅମରେ ପ୍ରଦର୍ଶନ କରାଯଇଥିଲା । ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ପଦ୍ମାବତୀ ପରିଡ଼ା, ସହାୟିକା ରଞ୍ଜିତା ସ୍ୱାଇଁ, ସୁପରଭାଇଜର ତପସ୍ୱିନୀ ପୃଷ୍ଟି ଓ ପୋଷଣ ବ୍ଲକ କୋଅର୍ଡିନେଟର ଅନନ୍ୟା ବରାଳଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବରିଷ୍ଠ ସାମ୍ବାଦିକ ସଂଘର ତୃତୀୟ ବାର୍ଷିକ ସମାରୋହ

# 'ସାମ୍ବାଦିକଙ୍କୁ ପେନସନ ଦାବି ଯୁକ୍ତିଯୁକ୍ତ'

ଢେଙ୍କାନାଳ,୮ ।୩(ସମିସ):



କାମାକ୍ଷାନଗରସ୍ଥିତ ଏକ ଫାର୍ମ ହାଉସ୍‌ରେ ଢେଙ୍କାନାଳ ଜିଲ୍ଲା ବରିଷ୍ଠ ସାମ୍ବାଦିକ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ପୂର୍ବତନ ସିଣ୍ଡିକେଟ୍ ବ୍ୟାଙ୍କର ଉପ ମହାପ୍ରବନ୍ଧକ ପ୍ରମୋଦ କୁମାର ନନ୍ଦ ସାମ୍ବାଦିକଙ୍କୁ ପେନସନ ଯୁକ୍ତିଯୁକ୍ତ ଦାବି ବୋଲି ପ୍ରକାଶ କରିଥିଲେ । ୨୪ଘଣ୍ଟା ସତର୍କ ରହି ଲୋକଙ୍କ ସମସ୍ୟା ଓ ଭଲମନ୍ଦ ନେଇ ସମାଜକୁ ନିରନ୍ତର ଅବଗତ କରାଉଥିବା ସାମ୍ବାଦିକ ଜଣେ ଜଣେ ସଚ୍ଚା ସମାଜସେବୀ । ଏମାନଙ୍କ ପାଇଁ କୌଣସି ସାମାଜିକ ସୁରକ୍ଷା ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ମାସିକ ଅବସରକାଳୀନ ଭତା ପ୍ରଦାନ କରାଯିବା ବ୍ୟବସ୍ଥା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଶ୍ରୀ ନନ୍ଦ ଉଲ୍ଲେଖ କରିଥିଲେ । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲା ବରିଷ୍ଠ ସାମ୍ବାଦିକ ସଂଘର ସଭାପତି ପ୍ରଦ୍ୟୁମ୍ନ ରଥ କହିଲେ, ରାଜ୍ୟ ସରକାର ଅନ୍ୟ ରାଜ୍ୟ ପରି ମାସିକ ପେନସନ ବ୍ୟବସ୍ଥା ନ କଲା ଯାଏ ଜିଲ୍ଲାର ସମସ୍ତ ବରିଷ୍ଠ ସାମ୍ବାଦିକ ଜିଲ୍ଲାପାଳଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ସମୂହ ଦରଖାସ୍ତ ଦେବେ ବୋଲି ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବକୁ ଉପସ୍ଥିତ ସମସ୍ତ ବରିଷ୍ଠ ସାମ୍ବାଦିକଗଣ କରତାଳି ମାଧ୍ୟମରେ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଗଣମାଧ୍ୟମର ମାଲିକମାନେ ଏଥିପ୍ରତି ସହାନୁଭୂତିଶୀଳ ହୋଇ ସରକାରଙ୍କୁ ପରାମର୍ଶ ଦିଅନ୍ତୁ ବୋଲି ବରିଷ୍ଠ ସାମ୍ବାଦିକ ସର୍ବଶ୍ରୀ ସଦାଶିବ ମହାପାତ୍ର, ବିରଞ୍ଚି ନାରାୟଣ ମହାପାତ୍ର, ରବିନାରାୟଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଦୁଷ୍ମନ୍ତ କୁମାର ମିଶ୍ର, ରବିନାରାୟଣ ବେହେରା, ଗୋପାଳ ଚନ୍ଦ୍ର ରାଉଳ, ମିନକେତନ ସ୍ୱାଇଁ, ଦୀପକ ପଟ୍ଟନାୟକ, ଅକ୍ଷୟ ସାହୁ, ଦୁଷ୍ମନ୍ତ ମହାନ୍ତି ଓ ସତ୍ୟ ସ୍ୱରୂପ ଦାସ ପ୍ରମୁଖ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକାରୀ ସଭାପତି ରତନ ନାୟାର ଧନ୍ୟବାଦ ଅର୍ପଣ କରିଥିଲେ ।

## ହାତୀ-ମଣିଷ ବିବାଦର ସମାଧାନ ନେଇ କର୍ମଶାଳା

ଗଁଦିଆ,୮ ।୩(ସମିସ): ଓଡ଼ିଶାର ପ୍ରାକୃତିକ ପରିବେଶ ମଧ୍ୟରେ ହାତୀ ମନୁଷ୍ୟ ବିବାଦ ଏକ ସାଧାରଣ ଘଟଣା ହେଲାଣି । ଏନେଇ ପରିବେଶ ବିତି ଉଗବେଗ ପ୍ରକାଶ କରୁଥିବା ବେଳେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ବାରମ୍ବାର ଦିଲ୍ଲୀ ରେ କଥା ଉଠଉଛନ୍ତି । ଏହାର ସମାଧାନ ସମ୍ବନ୍ଧୀୟ ଏକଦିବସୀୟ କର୍ମଶାଳା କପିଳାସ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାରେ ପ୍ରଥମଥର ପାଇଁ ବନବିଭାଗ ପକ୍ଷରୁ ଆୟୋଜିତ ହୋଇଛି । ଏହି କର୍ମଶାଳାରେ ଓଡ଼ିଶା ସମେତ ଆନ୍ଧ୍ର, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବରିଷ୍ଠ ବନ୍ୟପ୍ରାଣୀ ବିଶେଷଜ୍ଞ ଡକ୍ଟର ଲକ୍ଷ୍ମୀ ନାରାୟଣ ନଟରାଜନ, ଡକ୍ଟର ଏନ ଏସ ମନୋହର, ଉପାସନା ଗାଙ୍ଗୁଲି, ଗଣେଶ ରଘୁନାଥମ, ରବିୟା ଦାୟିମାନୀ, ଡ. ବିଏସ ନବନିଥମ, ଏ ସିକନ୍ଦର ବାସା, ଏକନ ସନ୍ୟାଲ ଯୋଗ ଦେଇ ବିଭିନ୍ନ ଉପାଦେୟ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ର ବିଦ୍ୟାର୍ଥୀ, ସାମ୍ବାଦିକତା ଓ ଦୂର ସଞ୍ଚାର ବିଦ୍ୟାର୍ଥୀ ବନବିଭାଗ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନର ତାହା ପ୍ରଦର୍ଶିତ କରାଯାଇଥିଲା । ଢେଙ୍କାନାଳବନଖଣ୍ଡ ଅଧିକାରୀ ସୁମିତ୍ କର ଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନ ରେ




କର୍ମକର୍ତ୍ତା ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ହାତୀ ମଣିଷର ବିବାଦ ଓ ତା'ର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗ ପକ୍ଷରୁ ଧନ ଜୀବନ ସୁରକ୍ଷା ସହ ବିଭିନ୍ନ ଉପକରଣ ମାଧ୍ୟମରେ କିପରି ହାତୀ ଆକ୍ରମଣରୁ ରକ୍ଷା କରାଯାଇପାରିବ କର୍ମଶାଳା ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ବନଖଣ୍ଡ,ଜିଏମଆର ଷ୍ଟିଲ କମ୍ପାନୀ, ସେହ୍ନା ସ୍ୱେଚ୍ଛାସେବି ସଂସ୍ଥାର ମିଳିତ ସହଯୋଗ ରେ କର୍ମଶାଳା ଅନୁଷ୍ଠିତ । ରାମସ୍ୱାମୀ କ୍ରିଷ୍ଣାନ, ଅରବିନ୍ଦ ମାଝୀଙ୍କ ସମେତ ବନ୍ୟ ପ୍ରାଣୀ ବିଶାରଦ ସହଯୋଗ କରିଥିଲେ ।

